ଧରିତ୍ରୀ
DHARITRI
April 16-22, 2023 ₹ 2/-

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ଲେଡ଼ି ବାଇକର୍ସ

ରୟାଲ ଏନ୍‌ଫିଲ୍ଡ, କେଟିଏମ୍, କାୱାସାକି ପରି ବାଇକ୍‌କୁ ଭୁମ୍.. ଭୁମ୍.. କରି ଯେବେ ଏମାନେ ରାସ୍ତାରେ ଚାଲିଯାଆନ୍ତି ଲୋକେ ଘଡ଼ିଏ ବୁଲି ବୁଲି ଚାହାନ୍ତି। କାରଣ ଏସବୁ ବାଇକ୍ ଉପରେ ଦିନେ ଥିଲା ପୁରୁଷଙ୍କର ଏକଚାଟିଆ ରାଜତ୍ୱ। ହେଲେ ଏବେ ଲେଡି ବାଇକର୍‌ମାନେ ସମାଜର କଟକଣା ଓ କଟାକ୍ଷକୁ ପାଦରେ ଦଳି ଏହାକୁ ଚଲାଉଛନ୍ତି ବେଶ୍ ବିନ୍ଦାସ୍‌ରେ...



# ସୁଖ ସମୃଦ୍ଧି ପାଇଁ ବାସ୍ତୁ

ପରିବାରରେ ଶାନ୍ତି, ସୁଖ ସମୃଦ୍ଧି ପାଇବାକୁ କାହାର ବା ଇଚ୍ଛା ନୁହେଁ ସେଥିପାଇଁ ଆମେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥାଉ। ହେଲେ ବାସ୍ତୁଶାସ୍ତ୍ରରେ ଏମିତି କେତୋଟି ସରଳ ଟିପ୍ସ ସମ୍ପର୍କରେ କୁହାଯାଇଛି; ଯାହାକୁ ଆପଣେଇ ଘରର ସୁଖଶାନ୍ତିକୁ ବୃଦ୍ଧି କରିହେବ...



✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ପ୍ରବେଶ ଦ୍ୱାରରେ କେବେ ବି ଡଷ୍ଟବିନ୍ ରଖିବା ଉଚିତ୍ ନୁହେଁ। ଏହାଦ୍ୱାରା ମାତା ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଯଦ୍ୱାରା ମାନ ସମ୍ମାନ ମଧ୍ୟ ହାନି ହୋଇଥାଏ।

✲ କେବେ ବି ଶେଯ ଉପରେ ବସିକି ଖାଇବା ଠିକ୍ ନୁହେଁ। ଏହାଦ୍ୱାରା ମଧ୍ୟ ମାତା ଲକ୍ଷ୍ମୀ କ୍ରୋଧ କରିଥାନ୍ତି।

✲ ରାତିରେ ଶୋଇବା ପୂର୍ବରୁ ରୋଷେଇ ଘରକୁ ସଫା କରିବା ସହ ଅଇଁଠା ବାସନକୁ ମଧ୍ୟ ମାଜିଦେବା ଆବଶ୍ୟକ। ଏପରି କଲେ ମାତା ଅନ୍ନପୂର୍ଣ୍ଣା ଓ ଦେବୀ ଲକ୍ଷ୍ମୀଙ୍କର କୃପା ମିଳେ।

✲ ବାଥ୍‌ରୁମ୍‌ରେ କେବେ ବି ଖାଲି ବାଲ୍ଟି ରଖିବା ଠିକ୍ ନୁହେଁ। ଗୋଟିଏ ବାଲ୍ଟିରେ ପାଣି ରଖିବା ସହ ଅନ୍ୟ ବାଲ୍ଟିଗୁଡ଼ିକୁ ଓଲଟାଇକି ରଖିବା ଶୁଭ ହୋଇଥାଏ।

✲ ମୁଖ୍ୟଦ୍ୱାରରେ ମଙ୍ଗଳ କଳସ ରଖିବା କିମ୍ବା ପ୍ରଭୁ ଗଣେଶଙ୍କର ପ୍ରତିମା ସ୍ଥାପନା କରିବା ଅଥବା ମୁଖ୍ୟଦ୍ୱାରର କବାଟରେ କିମ୍ବା କାନ୍ଥରେ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ।

✲ ପ୍ରତ୍ୟେକ ଦିନ ଠାକୁର ପୂଜା ସମୟରେ ଘରେ କର୍ପୂର ଆଳତି କରିବା ଦ୍ୱାରା ସକାରାତ୍ମକ ଊର୍ଜ୍ଜା ବୃଦ୍ଧି ପାଇ ସୁଖଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୬-୨୨

**ମେଷ**: କାର୍ଯ୍ୟସିଦ୍ଧି, ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ, ପ୍ରତିବନ୍ଧକ ଦୂରେଇଯିବ, ଅର୍ଥନୈତିକଅଭିବୃଦ୍ଧି, ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ବିବାଦର ସମାଧାନ, ଭ୍ରମଣ ସୁଯୋଗ, ସହକର୍ମୀଙ୍କ ସହାନୁଭୂତି, ଋଣ ପରିଶୋଧ, ବନ୍ଧୁମିଳନ ॥

**ବୃଷ**: ବନ୍ଧୁଙ୍କ ପରାମର୍ଶ, ନୂତନ କର୍ମାରମ୍ଭ, ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି, ସାମାଜିକସ୍ତରରେ ପ୍ରଶଂସା, ପଦାଧିକାରୀଙ୍କ ବଦାନ୍ୟତା, କର୍ମଜଞ୍ଜାଳର ବ୍ୟସ୍ତତା, ବ୍ୟବସାୟିକ ଉନ୍ନତି, ଦୂରଯାତ୍ରା, ଭ୍ରାତୃସମ୍ପର୍କରେ ଉନ୍ନତି ॥

**ମିଥୁନ**: ଦାୟିତ୍ୱ ବଢିବ, ବନ୍ଧୁଙ୍କ ସହ ମିତ୍ରତା, ଅର୍ଥାଳଙ୍କାର ପ୍ରାପ୍ତି, ଭ୍ରମଣର ସୁଯୋଗ, ଗୃହାରମ୍ଭ, ଉଚ୍ଚକର୍ତ୍ତୃପକ୍ଷ କ୍ଷୁବ୍ଧ ହେବେ, ଶାରୀରିକ ସୁସ୍ଥତା, ଅସ୍ଥିରତା ଦୂର ହେବ, ସନ୍ତାନ ହେତୁକ ଗୌରବ, ଲେଖାପଢାରେ କୁଶଳ, କଳାପ୍ରିୟ ହେବେ ॥

**କର୍କଟ**: ବନ୍ଧୁଙ୍କ ସାହାଯ୍ୟ, ପଡୋଶୀଙ୍କ ସମାଲୋଚନା, କରଜଦାତାଙ୍କ ଚାପବୃଦ୍ଧି, କାର୍ଯ୍ୟସିଦ୍ଧିରେ ପ୍ରତିବନ୍ଧକ, ନୂଆଯୋଜନା କରିବେ, ହିତୈଷୀଙ୍କ ପରାମର୍ଶ, ସମ୍ମାନିତ ହେବେ, ଧାର୍ମିକ କାର୍ଯ୍ୟ ॥

**ସିଂହ**: ଅଶୁଭ ଖବର ପାଇବେ, କାର୍ଯ୍ୟସମ୍ପୂର୍ଣ୍ଣ ରହିବ, ଅର୍ଥସଂକଟ, ପାରିବାରିକ ଆଲୋଚନା, ହତାଶାବୋଧ ଦୂର ହେବ, ବିବାଦର ସମାଧାନ, ନୂଆ କର୍ମନିଯୁକ୍ତି, ପରଜନଙ୍କ ସହ ଯାତ୍ରା।

**କନ୍ୟା**: ବନ୍ଧୁଙ୍କ ପକ୍ଷପାତିତା, କାମ ଅଟକି ରହିବ, ଶିଳ୍ପବାଣିଜ୍ୟରେ ଉନ୍ନତି, ଆଶା ପୂରଣ, ପାରିବାରିକ ସୌଖ୍ୟ, ବ୍ୟବସାୟ ବଢିବ, କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ, ଆତ୍ମୀୟଙ୍କ ସହଯୋଗ, କ୍ଳାନ୍ତିବୋଧ କରିବେ, କଳାସଂସ୍କୃତିରେ ଆଗ୍ରହ ॥

**ତୁଳା**: ଅସୁସ୍ଥ ମାନସିକତା, ଦ୍ୱନ୍ଦ୍ୱରେ ପଡିବେ, ବ୍ୟବସାୟିକ ବିଫଳତା, ଲୋକ ସମ୍ପର୍କ କମିବ, ରାଜନୈତିକ ବିବାଦ, ପାରିବାରିକ ଶାନ୍ତି, ସମ୍ପର୍କୀୟଙ୍କ ସହଯୋଗ, ମକଦ୍ଦମାରେ ବିଜୟ, ନୂତନକାର୍ଯ୍ୟର ସମୀକ୍ଷା, ବୈବାହିକ କାର୍ଯ୍ୟର ପ୍ରସ୍ତୁତି ॥

**ବିଛା**: ଯାତ୍ରା ସଫଳ, ସୁଯୋଗ ଆସିବ, ମନସ୍ତାପ ଦୂର ହେବ, ପାରିବାରିକ ଦ୍ୱନ୍ଦ୍ୱ,ପରିସ୍ଥିତିକୁ ସମ୍ଭାଳିବେ, ହସଖୁସିର ମଉକା, ପଦମର୍ଯ୍ୟାଦାରେ ଦାଗ, ସଫଳତା ପାଇଁ ଲବି, ଯୁକ୍ତିତର୍କରୁ ବିବାଦ, ଅପ୍ରିୟ ସତ୍ୟ, ଭାଷଣରୁ କଳହ ॥

**ଧନୁ**: କାର୍ଯ୍ୟାରମ୍ଭରେ ବିଘ୍ନ, ସାହାଯ୍ୟପ୍ରାର୍ଥୀ ହେବେ, ଭ୍ରମଣ ସୁଯୋଗ ପାଇବେ, ଟେନସନ୍ କମିବ, ବିବାଦରେ ପଶନ୍ତୁ ନାହିଁ, ରୋଗପୀଡା କମିବ, ପ୍ରଶାସନିକ ସଫଳତା ॥

**ମକର**: ବ୍ୟବସାୟିକ ସଫଳତା, ଆନୁଷ୍ଠାନିକ କାର୍ଯ୍ୟକ୍ରମ, ସାହିତ୍ୟକୃତିରୁ ସମ୍ମାନ, ପରିବେଶ ବଦଳିଯିବ, ସମ୍ମାନିତ ହୋଇପାରନ୍ତି, ବନ୍ଧୁସମ୍ପର୍କ ତୁଟିଯିବ, ସୁଯୋଗ ହରାଇପାରନ୍ତି, ଯାନବାହନ କ୍ରୟ, ବିଦେଶଯାତ୍ରାର ଆହ୍ୱାନ ॥

**କୁମ୍ଭ**: ମାନସିକ ଦୁଃଶ୍ଚିନ୍ତା, ଶୁଭଖବର ପ୍ରାପ୍ତି, ସନ୍ଦେହ ଦୂର ହେବ, ବୁଦ୍ଧିଜିବୀଙ୍କ ପରାମର୍ଶ, ପରିବହନରେ ଝଗଡ଼ା, ସମ୍ପର୍କୀୟଙ୍କ ସହ ଆଲୋଚନା, ଗବେଷଣାରେ ଅଗ୍ରଗତି, କରଜ କରିବେ, ସ୍ତ୍ରୀଙ୍କ ସୁପରାମର୍ଶ, ଧର୍ମକାର୍ଯ୍ୟ କରିବେ ॥

**ମୀନ**: ମାନସିକ ସୁସ୍ଥତା, ଶୁଭଖବର ପାଇବେ, କାର୍ଯ୍ୟସିଦ୍ଧିର ସୂଚନା, ଜମିଜମା କଳହ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ପ୍ରତ୍ୟୁଷଯାତ୍ରାରେ ସଫଳତା, କ୍ରୟବିକ୍ରୟର ଆଲୋଚନା, ସୀମାବିବାଦ ସୁଧୁରିଯିବ, ଉପରିସ୍ଥଙ୍କ ଅନୁକମ୍ପା ॥

# ଆଖୁ ରସ କେତେ ଉପକାରୀ

ଖରାଦିନେ ସୂର୍ଯ୍ୟଙ୍କ ପ୍ରଖର ଉତ୍ତାପରୁ ତଣ୍ଟି ଶୁଖିଗଲେ, ସେଥିରୁ ରକ୍ଷା ପାଇବା ପାଇଁ ଅନେକେ ବଜାରରେ ମିଳୁଥିବା କୋଲ୍ଡ ଡ୍ରିଙ୍କ୍ସ ପିଇଥାନ୍ତି। କିନ୍ତୁ ଏହା ପାଟିକୁ ସ୍ୱାଦ ଲାଗୁଥିଲେ ହେଁ ଶରୀର ପାଇଁ ଆଦୌ ଉପକାରୀ ହୋଇ ନଥାଏ। ତେଣୁ ଏଭଳି କ୍ଷେତ୍ରରେ ଶରୀରକୁ କୁଲ୍ ଫିଲିଙ୍ଗ୍ସ ଦେବା ପାଇଁ ଆମେ ଚାହିଁଲେ ବଜାରରେ ମିଳୁଥିବା ଆଖୁ ରସକୁ ବି ଆରାମରେ ପିଇପାରିବା। ଏହା ପାଟିକୁ ଯେମିତି ସ୍ୱାଦ ଲାଗେ ଶରୀର ପାଇଁ ସେମିତି ଉପକାରୀ ମଧ୍ୟ ହୋଇଥାଏ। କାରଣ ଆଖୁରେ ଭରି ରହିଥିବା ପୋଟାସିୟମ୍ ପାଚନ କ୍ରିୟାକୁ ସକ୍ରିୟ କରିବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ। ତା'ଛଡ଼ା ପେଟରେ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣରୁ ବି ଏହା ରକ୍ଷା କରିଥାଏ। ଖାସ୍‌କରି ଖରାଦିନେ ଗୋଟେ ଗ୍ଲାସ୍ ଆଖୁ ରସ ପିଇଦେଲେ ପେଟ ଥଣ୍ଡା ରହିବା ସହ ଶରୀରକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ତ୍ୱଚାରେ ଚମକ ଆଣିବା ସହ ହୃଦ୍ ସମସ୍ୟାରୁ ମୁକ୍ତି ଦେବାରେ ବି ଏହା ବେଶ୍ ଉପକାରୀ ହୁଏ।



## ପାଠକୀୟ

➢ଏମାନେ ଗାଁକୁ ଯେମିତି ଭଲ ପାଆନ୍ତି, ସେମାନଙ୍କ ସମସ୍ୟାରେ ସେମିତି ବ୍ୟଥିତ ହୁଅନ୍ତି। ଗାଁ ଲୋକଙ୍କୁ ସଚେତନ କରିବା ସହ କେମିତି ସେମାନେ ବିଭିନ୍ନ ସମସ୍ୟାରୁ ବାହାରି ପାରିବେ ସେଥିପାଇଁ ବାଟ ଦେଖାନ୍ତି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଗାଁର ସୁନାଝିଅ' ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ସୁଖୀ ବୈବାହିକ ଜୀବନ ପାଇଁ', 'ଖରାପାଇଁ କାକୁଡି ଜୁସ୍' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ମମତା ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ-୨*

➢ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଗାଁର ସୁନାଝିଅ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ହ୍ୟାଟ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ଶିବ ମିଶ୍ରଙ୍କ ସୃଜନ ସଂସାର' ବିଷୟରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଭୁଲ୍‌ଟି କାହାର ?' ଶୀର୍ଷକ ଗପଟି ଯେତିକି ମନଛୁଆଁ ଥିଲା ସେତିକି ପ୍ରେରଣାଦାୟୀ ବି ଥିଲା। 'ଗଙ୍ଗଶିଉଳି' ଶୀର୍ଷକ କବିତାଟି ହୃଦୟଛୁଆଁ ହୋଇଥିଲା।

*– ଅର୍ନପୂର୍ଣ୍ଣା ସ୍ୱାଇଁ, ସେକ୍ଟର-୧, ରାଉରକେଲା*

➢ସିନେମା ପୃଷ୍ଠାରେ ସ୍ଥାନିତ 'ଇମରଜେନ୍ସି', 'ଅପେକ୍ଷା କରିବେ ସମ୍ମିତ', 'କରୀନାଙ୍କ ମନଦୁଃଖ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। କବୟିତ୍ରୀ ରତ୍ନପ୍ରଭା ବାଇଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଭିନ୍ନ ଏଇ ଟୁଥ୍‌ପେଷ୍ଟ' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ଅଜବ ଲାଗୁଥିଲା ପଢିବାକୁ।

*– ମହାମାୟୀ ନାୟକ, ନାଉଗାଁ, ଜଗତସିଂହପୁର*

➢ମଡେଲ୍ ମିରର୍‌ରେ ଅଳକା ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସହର ପୃଷ୍ଠାରୁ ଗୋରୁମାରା ଜାତୀୟ ଉଦ୍ୟାନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଓକେ, ଓକେ କେବେଠୁ' ଏବଂ 'ଲମ୍ବା ଦାଢି' ଶୀର୍ଷକ ଲେଖାଦୁଇଟିରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା।

*– ରୂପାଲି ଦାଶ, ପିକେଆର୍‌ଆଇଟି କଲୋନୀ, ପୁରୀ*

➢ଏଥରର ବ୍ୟଙ୍ଗ 'ପାଠ-ଅପାଠ' ଶୀର୍ଷକ ଲେଖାଟି ବେଶ୍ ଶିକ୍ଷଣୀୟ ହୋଇଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏତେ ବଡ଼ ପତ୍ର', 'କପାଳରେ ଫଟାଇଲେ ୨୫୪ ଅଖରୋଟ୍' ଏବଂ 'ପାଣି ଭିତରେ କିସ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ମୌସୁମୀ ମହାନ୍ତି, ପଟିଆ, ଭୁବନେଶ୍ୱର*

## ବିଶେଷ ଚିଠି




ଗାଁର ସୁନାଝିଅ ଶୀର୍ଷକକୁ ନେଇ
ଆସିଥିଲ ତୁମେ ଛୁଟିଦିନ,
ମନକୁ ମୋହିଲ ହୃଦୟ କିଣିଲ
ବିଚ୍ଛୁରିତ କରି ତୁମ ଗୁଣଗାନ।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରୁଛି ଝୁରୁଥିବି ମୁହିଁ
ନିତି ପ୍ରତିଦିନ।

**– ବୈତାରୀ ମହାପାତ୍ର, ରାଣୀହାଟ, କଟକ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଲେଡ଼ି ବାଇକର୍ସ




ସଙ୍ଗୀତା

**ରୟାଲ ଏନ୍‌ଫିଲ୍ଡ, କେଟିଏମ୍, କାୱାସାକି ପରି ବାଇକ୍‌କୁ ଭ୍ରୁମ୍.. ଭ୍ରୁମ୍.. କରି ଯେବେ ଏମାନେ ରାସ୍ତାରେ ଚାଲିଯାଆନ୍ତି ଲୋକେ ଘଡ଼ିଏ ବୁଲି ବୁଲି ଚାହାନ୍ତି। କାରଣ ଏସବୁ ବାଇକ୍ ଉପରେ ଦିନେ ଥିଲା ପୁରୁଷଙ୍କର ଏକଚାଟିଆ ରାଜତ୍ୱ। ହେଲେ ଏବେ ଲେଡି ବାଇକର୍‌ମାନେ ସମାଜର କଟକଣା ଓ କଟାକ୍ଷକୁ ପାଦରେ ଦଳି ଏହାକୁ ଚଲାଉଛନ୍ତି ବେଶ୍ ବିନ୍ଦାସ୍‌ରେ...**

ଦିନେ ବାଇକ୍ କଥା ଉଠିଲେ ପ୍ରଥମେ ପୁରୁଷଙ୍କର ଛବି ହିଁ ମନକୁ ଆସୁଥିଲା। ଆଉ ସ୍ପୋର୍ଟସ୍ ବାଇକ୍, ସୁପର୍ ବାଇକ୍ ତ ଯେମିତି କେବଳ ପୁରୁଷଙ୍କ ପାଇଁ ହିଁ ତିଆରି। ତେଣୁ ଯେବେ ଯେବେ ଝିଅଟିଏ ଚାହିଁଛି ଏହାକୁ ଚଲାଇବାକୁ ସମାଜ ତାକୁ ଗ୍ରହଣ କରିନି। ସେଥିପାଇଁ ଉଠୁଥିବା ପାଦ କେବେ ପଛକୁ ଘୁଞ୍ଚିଛି ତ ଆଉ କେବେ ଲୋକଲଜ୍ଜା ଭୟରେ ଲୁଚି ଲୁଚି ଚଲାଇ ମନର ଇଚ୍ଛାକୁ ପୂରଣ କରିଛି। ହେଲେ କେତେଜଣ ମହିଳା ଖାତିର୍ କରି ନାହାନ୍ତି ସମାଜର ଏଇ କଟକଣାକୁ। ଖୋଲାଖୋଲି ବାଇକ୍ ଚଲଉଛନ୍ତି। ତା'ସହ ଅନ୍ୟ ଝିଅଙ୍କୁ ପ୍ରୋତ୍ସାହିତ କରିବା ଲାଗି 'ଓମେନ୍ ବାଇକର୍ ଗ୍ରୁପ୍' ବି ଗଢିଛନ୍ତି। ଏଇ ଗ୍ରୁପ୍ ମାଧ୍ୟମରେ ସେମାନେ କେବଳ ସ୍ୱାଧୀନଭାବେ ବାଇକ୍ ଚଲାଇବାର ଇଚ୍ଛାକୁ ପୂରଣ କରୁ ନାହାନ୍ତି ବରଂ ଏମିତି ଅନେକ କାମ କରୁଛନ୍ତି ଯେଉଁଥିପାଇଁ ସେମାନେ ରାଜ୍ୟ ଓ ଦେଶର ଗର୍ବ ପାଲଟିଛନ୍ତି..

**'ବାଇକ୍ ବାଲୀ' ମନୀଷାଙ୍କ 'ଓଡ଼ିଶା ବାଇକର୍ନି' ଗ୍ରୁପ୍:** ସାରା ଓଡ଼ିଶାରେ ସେ ପରିଚିତା 'ବାଇକ୍ ବାଲୀ' ଭାବେ। ଲେଦର ଜ୍ୟାକେଟ୍ ସାଙ୍ଗକୁ ଗ୍ଲୋଭ୍‌ସ, ବୁଟ୍ସ ଓ ହେଲମେଟ୍ ଲଗାଇ ୟାମାହା ଆର୍‌୩ ସୁପର୍ ବାଇକ୍‌କୁ ୧୨୦ ସ୍ପିଡ୍‌ରେ ଚଲାଇ ସେ ଯେବେ ଯାଆନ୍ତି ସମସ୍ତେ ତାଙ୍କୁ ଘଡ଼ିଏ ଅନାନ୍ତି। ଖାଲି ଯେ ନିଜ ସଉକ ପାଇଁ ସେ ବାଇକ୍ ଚଲାନ୍ତି ତାହା ନୁହେଁ, ଝିଅମାନଙ୍କୁ ବାଇକ ରାଇଡିଂ ପ୍ରତି ଅଧିକରୁ ଅଧିକ ଆକର୍ଷିତ କରିବା ଲାଗି 'ଓଡ଼ିଶା ବାଇକର୍ନି' ନାମକ ଗ୍ରୁପ୍ ବି ଗଢ଼ିଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧାର **ମନୀଷା ବେହେରା**। ମନୀଷା କୁହନ୍ତି,'ପିଲାଟିଦିନରୁ ମୁଁ ଦେଖିଆସିଛି ବାଇକ ଚଲଉଥିବା ଝିଅଙ୍କୁ ଅନେକେ ଖରାପ ନଜରରେ ଦେଖନ୍ତି। ସେମାନଙ୍କୁ ଅନେକ ଖରାପ କଥା ବି କୁହନ୍ତି। ତେଣୁ ସ୍ଥିର କରିଥିଲି ସମାଜର ଏଇ କୁତ୍ସିତ ମନୋଭାବକୁ ବଦଳାଇବି। ଚାକିରି କରୁଥିବା ସମୟରେ ମୁଁ ଜାଣିବାକୁ ପାଇଲି 'ଦ ବାଇକର୍ନି':ଆସୋସିଏଶନ୍ ଅଫ୍ ଫିମେଲ ବାଇକର୍ସ ଅଫ୍ ଇଣ୍ଡିଆ ନାମକ ଏକ ଗ୍ରୁପ୍ ଅଛି। ଏହି ଗ୍ରୁପ୍‌ର ପ୍ରତି ରାଜ୍ୟରେ ଚାପ୍ଟର୍ସ ବା ଶାଖା ଅଛି। ହେଲେ ଓଡ଼ିଶାରେ ଏହାର ଶାଖା ନ ଥିଲା। ତେଣୁ ଭାବିଲି ଓଡ଼ିଶାରେ କାହିଁକି ଓମେନ ରାଇଡର୍ ଗ୍ରୁପ୍ ହେଇପାରିବନି ? ତେଣୁ ସେମାନଙ୍କୁ ଏ ସମ୍ପର୍କରେ ମେଲ୍ କରି ଜଣାଇଲି। ସେମାନେ ମତେ ଫିମେଲ ରାଇଡର୍ ଏକାଠି କରି ରେଜିଷ୍ଟ୍ରେଶନ୍ କରିବାକୁ କହିଲେ। ହେଲେ ସେତେବେଳେ ମୁଁ କୌଣସି ଫିମେଲ୍ ରାଇଡର୍‌ଙ୍କୁ ଜାଣି ନ ଥିଲି। ତେଣୁ ମୁଁ ଓଡ଼ିଶାକୁ ଆସିଥିବା ଇଟାଲିର ଜଣେ ଫିମେଲ ରାଇଡର୍ ଓ ପ୍ରୋସିଜ ଗଲ୍ୟାଣ ନାମ୍ନୀ ଆଉ ଜଣେ ରାଇଡର୍‌ଙ୍କ ସହ ସମ୍ପର୍କ କରି ପ୍ରଥମେ ତାଙ୍କ ସହ ରାଇଡ୍ କଲି। ଆଉ ପ୍ୟାନ୍ ଇଣ୍ଡିଆ ଗ୍ରୁପ୍‌ରେ ରେଜିଷ୍ଟ୍ରେଶନ୍ କରି ୨୦୧୫ରେ 'ଓଡିଶା ବାଇକର୍ନି' ଗ୍ରୁପ୍ ଗଢ଼ିଲି। ଏହାପରେ ଜଣ ଜଣ କରି ଲେଡି ବାଇକର୍ ଆମ ଗ୍ରୁପ୍‌ରେ ଯୋଗଦେଲେ। ଏବେ ଓଡିଶା ବାଇକର୍ନି ଗ୍ରୁପ୍‌ରେ ଅମିତା ସିଂ, ସୋନାଲି ଶିବାଂଶିକା, ଶୁଭସ୍ମିତା ପଟ୍ଟନାୟକ, ଶତଦ୍ରୁ ଶତପଥୀ, ଶିଖାୟତ ଛାଟୋଇ, ଫରହିନ ହୁସେନ ପ୍ରମୁଖଙ୍କୁ ମିଶାଇ ୧୨ ସଦସ୍ୟ ଅଛନ୍ତି। ଆଉ ସମସ୍ତେ ଓଡ଼ିଆ। ଆମେ ଚାରିଟି ରାଇଡ୍ ସହ ବିଭିନ୍ନ ସାମାଜିକ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବା ଲାଗି କଜ୍ ରାଇଡ୍ କରୁଛୁ। ଯେମିତିକି ମୋଲେଷ୍ଟେଶନ୍ ରାଇଡ, ରେପ୍ ଭିକ୍ଟିମ୍‌ଙ୍କୁ ଗ୍ରହଣ କରିବା ଲାଗି ରାଇଡ୍ ଆଦି। ନିକଟରେ କମିଶନରେଟ୍ ପୋଲିସ ଓ ରକ୍ଷକ ଫାଉଣ୍ଡେଶନ ଦ୍ୱାରା ଆୟୋଜନ କରାଯାଇଥିବା 'ଗୋଲ୍ଡେନ ଆୱାର' ଇଭେଣ୍ଟରେ ମଧ୍ୟ ଆମ ଗ୍ରୁପ୍ ରାଇଡ୍ କରିଥିଲା। ଆଉ ଏଥିରେ ଆମକୁ ସମ୍ମାନିତ ବି କରାଯାଇଛି। ମୁଁ ଜଣେ ସରକାରୀ କର୍ମଚାରୀ। ହାଉସିଂ ଆଣ୍ଡ ଅର୍ବାନ ଡେଭେଲପ୍‌ମେଣ୍ଟ ବିଭାଗରେ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଭାବେ କାମ କରେ। ଛୁଟି ବହୁତ କମ୍ ମିଳେ। ସେଥିରେ ବି ମୁଁ ଚେଷ୍ଟାକରେ କିଭଳି ବାଇକ୍ ରାଇଡ୍ କରିପାରିବି। ତେବେ ଏଇ ବାଇକ୍ ନିଶା ମୋର ପିଲାଟିଦିନରୁ ଥିଲା। ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ବାପାଙ୍କ ବାଇକ୍‌କୁ ଧରି ନିଜେ ନିଜେ ଗଡ଼ଉଥିଲି। ଗାଁର ଜଣେ ଦାଦା ମୋର ଏଇ ଆଗ୍ରହ ଦେଖି ମତେ ବାଇକ୍ ଚଲେଇବା ଶିଖେଇଥିଲେ।



ଅମିତା ସିଂ, ମନୀଷା ଓ ଶୁଭସ୍ମିତା


ପରେ ଘରେ କିଛି ଜିନିଷ ଦରକାର ହେଲେ ମୁଁ ବାଇକ୍ ନେଇ ବଜାର ପଳଉଥିଲି। ବାଇକ୍‌ରେ ଗଲାବେଳେ ଲୋକେ ବଲବଲ କରି ଅନଉଥିଲେ। କେତେଜଣ ତ ଘରେ ଆସି କହିଲେ ଝିଅ ତମର ଅଣ୍ଡିରାଚଣ୍ଡୀ ଭଳି ଗାଡି ଚଲେଇ ବୁଲୁଛି। ତାକୁ ମନା କରୁନ। ମାମା ବି ସେମାନଙ୍କ କଥାରେ ପଡ଼ି ମତେ ମନାକଲା ଗାଡ଼ି ଚଲେଇବାକୁ। କହିଲା ଗାଁଗଣ୍ଡାରେ ଝିଅମାନେ ଏମିତି ଗାଡ଼ି ଚଲାନ୍ତିନି। ଏମିତି କଲେ ଆମେ ଲୋକହସା ହେବୁ। ହେଲେ ମୁଁ ମା' କଥା ନ ମାନି ବେଶି ବାଇକ୍ ଚଲେଇଲି। ଲୋକ ମତେ ବାରମ୍ବାର ଦେଖି ତାଙ୍କର ଦେହସୁହା ହେଇଗଲା। ଆଉ କେହି କିଛି କହିଲେନି। ଧୀରେ ଧୀରେ ମୁଁ ଲଙ୍ଗ୍ ରାଇଡ୍ କରିବାକୁ ଲାଗିଲି। ଅନେକ ସମୟରେ ମୁଁ ବାପାଙ୍କୁ ପଛରେ ବସାଇ ବାଇକ୍ ଚଲାଇ ଯାଉଥିଲି। ସେତେବେଳେ ଲୋକେ ଅଧିକ ଅନାଉଥିଲେ। ଲୋକଙ୍କର ଏଭଳି ଅନେଇବା ହିଁ ମୋ ବାଇକ୍ ଚଲେଇବାର ଆଗ୍ରହକୁ ବଢ଼ାଉଥିଲା। ବୟସ ବଢ଼ିବା ସହ ମୁଁ ଅନୁଭବ କଲି ଯେ, ସମାଜ ଝିଅଙ୍କ ପାଇଁ ନିର୍ଦ୍ଧାରଣ କରିଥିବା ସୀମା ପାଇଁ ହିଁ ଝିଅଙ୍କ ଗାଡି ଚଳାଇବାକୁ ଖରାପ ବୋଲି କୁହାଯାଉଛି। ତା'ଛଡା ଆଉ କିଛି ନୁହେଁ। ତେଣୁ ଏହି ଭାବଧାରାକୁ ଭାଙ୍ଗିବାକୁ ଯାଇ ମୁଁ ଅଧିକରୁ ଅଧିକ ବାଇକ୍ ଚଳାଇଲି। ଆଉ 'ଓଡ଼ିଶା ବାଇକର୍ନି' ଗ୍ରୁପ୍ ଗଢ଼ିଲି। ୟା'ମଧ୍ୟରେ ବାଇକ୍ ଚଳାଇ ମୁଁ ସାରା ଓଡ଼ିଶା ଏକାକୀ ବାଇକ୍‌ରେ ବୁଲିସାରିଲିଣି। ଓଡ଼ିଶା ବାହାରେ କଲିକତା ଓ ବିଶାଖାପାଟଣା ରାଇଡ୍ କରି ଯାଇଛି। ତେବେ ଓଡ଼ିଶା ଭିତରେ ବାଇକ୍ ଚଳାଇବା ଅଧିକ ଚ୍ୟାଲେଞ୍ଜିଂ। ଗାଁ ଗହଳିର ଖରାପ ରାସ୍ତାରେ ଏକୁଟିଆ ଝିଅ ବାଇକ୍ ଚଳାଇ ଯିବାରେ ରିସ୍କ ଯେତିକି, ରୋମାଞ୍ଚ ବି ସେତିକି ଥାଏ। ଅନେକ ସମୟରେ ଅସାମାଜିକ ଲୋକ ହଇରାଣ କରିଛନ୍ତି।



ସୁପ୍ରିୟା

ହେଲେ ମହିଳା ବାଇକରଙ୍କୁ ପୋଲିସ୍‌ର ବି ସହଯୋଗ ମିଳେନା । ଯେତେଥର ହଇରାଣ ହୋଇ ପୋଲିସ୍‌ର ସାହାଯ୍ୟ ଲୋଡ଼ିଛି ସେମାନେ ଉତ୍ତର ଦେଇଛନ୍ତି, 'ଝିଅପିଲା ହେଇ ଏକୁଟିଆ ହମ ହମ ହେଇ ବାଇକ୍ ଧରି କାହିଁକି ବାହାରୁଥିଲ ?' ସେଥିପାଇଁ ମୁଁ ରାତିରେ କେବେ ଟ୍ରାଭେଲ କରେନି କି ପୋଲିସ୍ ସହାୟତା ନିଏନା । ଅସୁବିଧାବେଳେ ବାଇକ୍‌ର ସ୍ପିଡ୍ ବଢ଼େଇ ଖସିଯିବାକୁ ଚେଷ୍ଟାକରେ । ସୋଲୋ ରାଇଡ୍ କଲାବେଳେ ମୁଁ ମୋ ରୁଟ୍ ପରିବାର ଲୋକ, ବିଭିନ୍ନ ଜିଲାରେ ଥିବା ମୋ ସହକର୍ମୀ ଓ ବିଭିନ୍ନ ବାଇକର୍ ଗ୍ରୁପ୍‌ଙ୍କୁ ଜଣାଇ ରଖେ । କିଛି ଅସୁବିଧା ହେଲେ ସେମାନେ ସାହାଯ୍ୟ କରନ୍ତି । ମୁଁ ଏବେ 'ବାଇକ୍ ବାଲୀ'ଭାବେ ବେଶ୍ ପରିଚିତା । ଆଉ ଏଇ ପରିଚୟକୁ ନେଇ ହିଁ ବଞ୍ଚିବାକୁ ଚାହେଁ ।

**ମହିଳା ବାଇକର୍‌ଙ୍କ ସମ୍ମାନ ପାଇଁ କରିଚାଲିଛନ୍ତି ରାଇଡ୍ :** ଏବେବି ଅନେକଙ୍କ ଧାରଣା ଅଛି ଯେ, ଯାହାର କିଛି କାମ କି ଦାୟିତ୍ୱ ନ ଥାଏ ସେଇ ମହିଳା ହିଁ ବାଇକ୍ ଧରି ବୁଲନ୍ତି । ହେଲେ ଏଇ କଥା ଯେ ସମ୍ପୂର୍ଣ୍ଣ ଭୁଲ୍ ତାହାକୁ ପ୍ରମାଣ କରି ଦେଖେଇଛନ୍ତି ବାଇକର୍ **ଅମିତା ସିଂହ** । ସେ ଜଣେ ଗୃହିଣୀ । ଘରକାମ ସହ ପିଲାଙ୍କୁ ପଢ଼ାନ୍ତି । ତା'ସହ ରିୟଲ ଇଷ୍ଟେଟ ବିଜନେସ୍ କରନ୍ତି, ଇଣ୍ଡଲ୍ସ ବ୍ରାଇଡାଲ ମଲ୍‌ର ସେ ମାଲିକ, ବେଲି ମିନେରାଲ ୱାଟର୍‌ର ମାନୁଫାକ୍ଟରିଂ ୟୁନିଟ୍‌ର ସବୁ ଦାୟିତ୍ୱ ସେ ବୁଝନ୍ତି । ତାଙ୍କର ଏକ ଡିଜିଟାଲ ମାର୍କେଟିଂ ଅଫିସ୍ ବି ଅଛି । ଏସବୁର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ସହ ବ୍ଲାଇଣ୍ଡ ଆସୋସିଏଶନ୍‌ର ଭଲ୍ୟୁଣ୍ଟିୟର ଭାବେ କାମ କରି ଦୃଷ୍ଟିବାଧିତଙ୍କ ପାଇଁ ବିଭିନ୍ନ ପାଠ୍ୟକ୍ରମକୁ ରେକର୍ଡ କରି ପଠାନ୍ତି, ସୋସିଆଲ ୱାର୍କ ବି କରନ୍ତି । ଏତେସବୁ ଭିତରେ ସେ ସମୟ ବାହାର କରି ସାରା ଭାରତରେ ଜଣେ ପ୍ରସିଦ୍ଧ ଫିମେଲ ବାଇକର୍ ଭାବେ ନାଁ ମଧ୍ୟ କମେଇଛନ୍ତି । ସେ 'ଓଡ଼ିଶା ବାଇକର୍ନି' ଗ୍ରୁପ୍‌ର ବି ଜଣେ ସଦସ୍ୟ । ବୟସ ତାଙ୍କୁ ୪୫ ବର୍ଷ । କାୱାସାକି ୩୦୦, କେଟିଏମ୍ ୩୯୦, ବୁଲେଟ୍, ରୟାଲ ଏନଫିଲ୍ଡ କ୍ଲାସିକ୍ ୫୦୦ ଭଳି ବାଇକ୍‌ରେ ବିଭିନ୍ନ ସର୍ବଭାରତୀୟ ବାଇକ୍ ରାଇଡ କରି ସେ ଓଡ଼ିଶାର ନାଁ ରଖିଛନ୍ତି । ଭାରତର ବିଭିନ୍ନ ରାଜ୍ୟର ବାଇକର୍ ଗ୍ରୁପ୍ ସହ ଅନେକ ଅନ୍ତର୍ଜାତୀୟ ଗ୍ରୁପ୍‌ର ବି ସେ ସଦସ୍ୟ । କେବଳ ସେତିକି ନୁହେଁ ବାଇକ୍‌ରେ ସାରା ଭାରତ ଭ୍ରମଣ କରିସାରିଛନ୍ତି । ଅମିତା କୁହନ୍ତି, 'ବିଶାଖାପାଟଣା ମୋର ଘର । ଗାଡ଼ି ପ୍ରତି ଆଗ୍ରହ ଥିବାରୁ ନବମ ଶ୍ରେଣୀରେ ପଢ଼ିବାବେଳେ ବାପା ମତେ ତାଙ୍କ ଚେତକ ସ୍କୁଟର ଚଲାଇବା ଶିଖେଇଥିଲେ । ଦ୍ୱାଦଶ ପଢ଼ିବାବେଳେ ମୁଁ ରାଜଦୂତ ଓ ଡିଗ୍ରୀ କଲାବେଳେ ସୁଜୁକି ଗାଡ଼ି ଚଲାଇଲି । ବାହାଘର ମୋର ଓଡ଼ିଶାରେ ହେଲା । ବାହାଘରର କିଛିଦିନ ପର୍ଯ୍ୟନ୍ତ ଗାଡି ଚଲାଇବା ମୋର ବନ୍ଦ ହେଇଯାଇଥିଲା । ଶାଶୁଘରେ କେହି ଜାଣି ନ ଥିଲେ ମୁଁ ବାଇକ ଚଲାଏ ବୋଲି । ହେଲେ ବାଇକ୍ ଦେଖିଲେ ମତେ ଚଲେଇବାକୁ ଭାରି ଇଚ୍ଛା ହେଉଥିଲା । ଶେଷରେ ନ ରହିପାରି ୨୦୧୫ରେ ଥରେ ମୁଁ ମୋ ଷ୍ଟାଫ୍‌ଙ୍କ ବାଇକ୍‌କୁ କିଛି ସମୟ ପାଇଁ ଚଲେଇଲି । ଏହାପରେ ବାଇକ୍ ନିଶା ପୁଣିବଢ଼ିଲା । ଥରେ ଏକ ରାଲିରେ ଓଡିଶା ବାଇକର୍ନି ଗ୍ରୁପ୍‌ର ସଦସ୍ୟଙ୍କୁ ଭେଟିଲି । ଆଉ ସେଥିରେ ସାମିଲ ହେଇଗଲି । ସେତେବେଳେ ଓଡ଼ିଶା ବାଇକର୍ନି ଗ୍ରୁପ୍‌କୁ କେହି ଜାଣି ନ ଥିଲେ । ମୁଁ ଭାବିଲି ଏଇ ଗ୍ରୁପ୍‌କୁ କେମିତି ସାରା ଭାରତ ଜାଣିବ ସେଭଳି କିଛି କାମ କରିବାକୁ ହେବ । ତେଣୁ ଯେତେବେଳେ ଷ୍ଟେଟ୍ ବାଇକ୍ ରାଇଡ୍ ହେଉଥିଲା ଓ ବାଇକର୍‌ମାନେ ଓଡ଼ିଶା ଦେଇ ଯାଉଥିଲେ ମୁଁ ସେମାନଙ୍କ ସହ ଦେଖା କରୁଥିଲି । ଏମିତିରେ ଅନେକ ବାଇକର୍‌ଙ୍କ ସହ ମୋର ପରିଚୟ ହେଲା । ଆଉ ଯେବେ ସରକାରଙ୍କ ତରଫରୁ କିଛି ଇଭେଣ୍ଟର ଆୟୋଜନ ହେଲା ସେମାନେ ମତେ ଯୋଗାଯୋଗ କଲେ । ଆଉ ମୁଁ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ବାଇକ୍ ରାଇଡ୍‌ରେ ଗଲି । ପ୍ରଥମେ ମତେ ମଧ୍ୟପ୍ରଦେଶ ଟୁରିଜମ୍‌ର ରାଇଡ୍ ମିଳିଥିଲା । ସବୁ ରାଜ୍ୟରୁ ୧୫ ରାଇଡର୍ ଏଥିରେ ସିଲେକ୍ଟ ହୋଇଥିଲେ । ସେଥିରେ ମୋତେ ବି ଚୟନ କରାଯାଇଥିଲା । ସେଠି ମତେ 'ଏମ୍‌ପି ଟୁରିଜମ୍ ଟାଇଗ୍ରେସ୍' ଟାଇଟଲ ପ୍ରଦାନ କରାଯାଇଥିଲା । ପରେ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜନ କରାଯାଇଥିବା 'ୟୁନିଟି ରାଇଡ୍'ର '୭୫ ରାଇଡର୍ସ, ୭୫ ଡେଜ୍, ୭୫ ସିଟିଜ୍ କାର୍ଯ୍ୟକ୍ରମରେ ମୁଁ ସିଲେକ୍ଟ ହେଇଥିଲି । ଏଥିରେ କେବଳ ୧୧ଜଣ ଝିଅ ଚୟନ ହୋଇଥିଲେ, ଯେଉଁଥିରେ ଓଡ଼ିଶାରୁ ମୁଁ ଥିଲି । ୨୪୦୦୦ କି.ମି.ର ଏହି ରାଇଡ୍ ପାଇଁ ପୂରା ୩ ମାସ ମତେ ଘର ପରିବାର ଛାଡ଼ିବାକୁ ପଡ଼ିଥିଲା । ଆଉ କନ୍ୟାକୁମାରୀରୁ ବାରାଣସୀ ଏବଂ ଗାନ୍ଧୀନଗରରୁ ସିଲଂ ବାଇକ୍‌ରେ ଟ୍ରାଭେଲ କରିଥିଲି । ଏହି ରାଇଡ୍ ବହୁତ କଷ୍ଟକର ଓ ଚ୍ୟାଲେଞ୍ଜିଂ ଥିଲା । ହେଲେ ଓଡ଼ିଶା ଝିଅଙ୍କର ନାଁ ରହିବ ବୋଲି ତାକୁ ମୁଁ କରିଥିଲି । ଏଥିରେ ମୋ ପରିବାର ସଦସ୍ୟ ବହୁତ ସପୋର୍ଟ କରିଥିଲେ । ଏହାପରେ ଲେହ-ଲଦାଖ ଅଲ୍ ଇଣ୍ଡିଆ ଓମେନ ରାଇଡ୍‌ରେ ବି ଚୟନ ହେଇଥିଲି । ସେହି ରାଇଡ୍ ପାଇଁ କାର୍ଗିଲ ଓ କଶ୍ମୀରରେ ମତେ ସାର୍ଟିଫିକେଟ୍ ଦିଆଯାଇଥିଲା । ସିଆଚେନ୍ ଓ ଉତ୍ତରପୂର୍ବ ଭାରତର ବିଭିନ୍ନ ଦୁର୍ଗମ ରାସ୍ତାରେ ବି ମୁଁ ବାଇକ୍ ରାଇଡ୍ କରିଛି । ମୁଁ କେବଳ ରାଜ୍ୟ ଓ କେନ୍ଦ୍ର ସରକାର ଆୟୋଜନ କରୁଥିବା ବିଭିନ୍ନ ରାଇଡ୍‌ରେ ଅଂଶଗ୍ରହଣ କରିଥାଏ । ଯେମିତିକି ଓଡ଼ିଶାର ନାଁ ରହିବ ଏବଂ ଓଡ଼ିଶା ଝିଅଙ୍କ ନାମ ରହିବ । ଆସନ୍ତା ଜୁନ୍ ୨୫ରେ କେନ୍ଦ୍ର ସରକାରଙ୍କ ନାର୍କୋଟିକ୍ ବିଭାଗ ତରଫରୁ 'ନୋ ଟୁ ଡ୍ରଗସ୍' ରାଇଡ୍ ହେବାକୁ ଯାଉଛି । ଏଥିରେ ମତେ ଷ୍ଟେଟ୍ ହେଡ୍ କରାଯାଇଛି । ସାରା ଭାରତର ବାଇକର୍‌ମାନେ ବିଭିନ୍ନ ସ୍ଥାନରେ ଥାଇ ଏକା ସମୟରେ ଉକ୍ତ ରାଇଡ୍ ଆରମ୍ଭ ହେବ । ୪୦.କି.ମି.ର ଉକ୍ତ ରାଇଡ୍‌କୁ ଏକ ଆପ୍ ଯୋଗେ ଟ୍ରାକ୍ କରାଯିବ । ଏହା ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସବୁଠୁ ବଡ଼ ବାଇକ୍ ରାଇଡ୍ ଭାବେ ସ୍ଥାନ ପାଇବ । ଏଭଳି ଏକ ଇଭେଣ୍ଟରେ ଓଡ଼ିଶାର ଲେଡି ବାଇକର୍ସ ସାମିଲ ହେବା ନିଶ୍ଚିତଭାବେ ଗର୍ବର କଥା ହେବ । ମତେ ସବୁବେଳେ ଚ୍ୟାଲେଞ୍ଜ ପସନ୍ଦ । ତେଣୁ ରାସ୍ତା ଯେତେ ଦୁର୍ଗମ ହୁଏ ବାଇକ୍ ଚଲାଇବାକୁ ସେତେ ଅଧିକ ମଜାଲାଗେ । ଅନେକଥର ପଡ଼ିଛି ପୁଣି ଉଠି ଗାଡ଼ି ଚଲେଇଛି ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିଛି । ଯେମିତିକି ଥରେ ମେଘାଳୟର ଆଇଜଲ ଗଲାବେଳେ ମୋ ବାଇକ୍‌ର ଗିୟର ପାଖ ଫୁଟ୍‌ରେଷ୍ଟ ଭାଙ୍ଗିଗଲା । ପ୍ରବଳ ବର୍ଷା ହେଉଥାଏ । ରାସ୍ତା ଦେଖାଯାଉ ନ ଥାଏ । ଏତିକିବେଳେ ଆଗରୁ ଏକ ଟ୍ରକ୍ ଆସିଥିଲା । ଟ୍ରକ ଲାଇଟ୍ ଆଖିରେ ପଡ଼ିଲା । କିଛି ଦେଖାଗଲାନି । ସେତେବେଳେ ଭାବିଥିଲି ଆଜି ମୁଁ ବଞ୍ଚିବିନି । ବାଇକ୍ ଛାଡ଼ି ମୁଁ ରାସ୍ତାକଡକୁ ଡେଇଁପଡ଼ିଥିଲି । ସେଠାରେ ଥିଲା ବଡ଼ ଘାଇ । ଆଉ ପାଦେ ଯଦି ଆଗକୁ ଡେଇଁଥାନ୍ତି ତେବେ ଘାଇରେ ପଡ଼ି ମରିଥାନ୍ତି । ହେଲେ ଠାକୁରଙ୍କ ଦୟାରୁ ବଞ୍ଚିଯାଇଥିଲି । ତା'ପରେ ଫୁଟ୍‌ରେଷ୍ଟ ନ ଥିବା ଗାଡ଼ିକୁ ଉଠାଇ ଗୋଟିଏ ଗିୟର ଦେଇ ପ୍ରବଳ ବର୍ଷାରେ ଗାଡି ଚଲେଇ ୪୦ କି.ମି. ଯାଇଥିଲି । ଏମିତି ଅନେକ ଚ୍ୟାଲେଞ୍ଜକୁ ମୁଁ ଦୃଢ଼ତାର ସହ ଗ୍ରହଣ କରି ଆଗେଇଛି ।


ଶୁଭସ୍ମିତା


ମନୀଷା

**ବାଇକ୍ ରାଇଡ୍ ବେଳେ ହଜିଯାଇଥିଲି:** ବାଇକର୍ନି ଗ୍ରୁପ୍‌ର ଆଉ ଜଣେ ସକ୍ରିୟ ସଦସ୍ୟା ହେଉଛନ୍ତି ଭୁବନେଶ୍ୱରର ଶୁଭସ୍ମିତା ପଟ୍ଟନାୟକ । ତିନିଦିନରେ ସାତୋଟି ରାଜ୍ୟକୁ ବାଇକ୍ ରାଇଡ୍ କରିବାର ଗୌରବ ସେ ଅର୍ଜନ କରିଛନ୍ତି । ବାଇକିଂ ଅନୁଭୂତି ସମ୍ପର୍କରେ ଶୁଭସ୍ମିତା କୁହନ୍ତି, 'ଦଶମ ଶ୍ରେଣୀରେ ପଢିବାବେଳେ ମୋ ସାନଭାଇ ଶୁଭମ୍ ମତେ ବାଇକ୍ ଚଲାଇବା ଶିଖେଇଥିଲା । କଲେଜ୍‌କୁ ମୁଁ ବାଇକ୍‌ରେ ଯାଉଥିଲି । ବିପିୟୁଟିରେ ମେକାନିକାଲ ଇଞ୍ଜିନିୟରିଂ ସାରିବା ପରେ ମୁଁ ୪ ବର୍ଷ ରାଜସ୍ଥାନରେ BOSCH କମ୍ପାନୀରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ କାମ କଲି । ସେଠି ଦ ବାଇକର୍ନିର ରାଜସ୍ଥାନ ଚାପ୍ଟର 'ପିଙ୍କ୍ ସିଟି ବାଇକର୍ନି' ଗ୍ରୁପ୍ ଅଛି । ସେଇ ଗ୍ରୁପ୍‌ରେ ମୁଁ ଜଏନ ହେଇଥିଲି ।

→


ଉଇ ଦ ରୋଡ କୁଇନ୍ସ ଗ୍ରୁପ୍


ଓଡ଼ିଶା ବାଇକର୍ନି ଗ୍ରୁପ୍



ଉଇ ଦ ରୋଡ଼ କୁଇନ୍ସ

ସେଠି ମୁଁ ବିଭିନ୍ନ କଜ୍ ରାଇଡ୍ କରିଥିଲି। ପରେ ଯେବେ ଭୁବନେଶ୍ୱର ଫେରି ଆସିଲି ପିଙ୍କ୍ ସିଟି ବାଇକର୍ନି ଗ୍ରୁପ୍ ମତେ ଓଡ଼ିଶା ବାଇକର୍ନିରେ ଜଏନ୍ ହେବାକୁ କହିଲେ। ୨୦୧୬ରେ ମୁଁ ଓଡ଼ିଶା ବାଇକର୍ନିରେ ଯୋଗଦେଲି। ଏଠି ମଧ୍ୟ ମୁଁ ବିଭିନ୍ନ କଜ୍ ରାଇଡ୍‌ରେ ଯୋଗଦେଇଛି। ନିକଟରେ 'ଗୋଲ୍ଡେନ୍ ଆୱାର' ରାଇଡ୍‌ରେ ବି ଆମ ଗ୍ରୁପ୍ ସାମିଲ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଲାଗି ସାଧାରଣ ବ୍ୟକ୍ତି ସାଙ୍ଗେସାଙ୍ଗେ କ'ଣ ପଦକ୍ଷେପ ନେବା ଜରୁରୀ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଇବା ପାଇଁ ଏହି ରାଇଡ୍‌ର ଆୟୋଜନ ହୋଇଥିଲା। ଏହାବାଦ୍ ଆମେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଓମେନ୍ସ ଡେ'ଭଳି ବିଭିନ୍ନ ଖାସ୍ ଦିନରେ ବାଇକ୍ ରାଇଡ୍ କରିଥାଉ। ତେବେ ମୁଁ ରାଜସ୍ଥାନରେ ଥିବାବେଳେ ଥରେ ଘରେ ନ ଜଣେଇ ଜୟପୁରରୁ ଓଡ଼ିଶା ୨୧୦୦ କି.ମି. ରାସ୍ତାକୁ ବାଇକ୍ ରାଇଡ୍ କରିଥିଲି। ତିନିଦିନରେ ମୁଁ ସାତୋଟି ରାଜ୍ୟ କଭର୍ କରି ଓଡ଼ିଶାରେ ପହଞ୍ଚିଥିଲି। ତେବେ ଏଇ ରାଇଡ୍ ବେଳେ ମୁଁ ଭୁଲ ରୁଟ୍‌ରେ ଯାଇ ବୋକାରୋ ପୂର୍ବର ଏକ ନକ୍ସଲପ୍ରବଣ ଅଞ୍ଚଳର ଜଙ୍ଗଲିଆ ରାସ୍ତାରେ ପହଞ୍ଚି ଯାଇଥିଲି। ସେତେବେଳେ ଗାଡ଼ିରେ ତେଲ ଅଳ୍ପ ଥାଏ, ମୋବାଇଲରେ ଚାର୍ଜ ନ ଥାଏ, ଆଖପାଖରେ ବି କେହି ଦେଖାଯାଉ ନ ଥାନ୍ତି। ସନ୍ଧ୍ୟା ହେଇଯାଇଥାଏ। ଗୋଟେପଟେ ଜଙ୍ଗଲି ଜୀବଜନ୍ତୁଙ୍କ ଭୟ, ଅନ୍ୟପଟେ ନକ୍ସଲଙ୍କ ଆକ୍ରମଣ। ରାସ୍ତା ଖୋଜିବା ପାଇଁ ଘୂରି ବୁଲିଲେ ତେଲ ସରିଯିବ। ତେଣୁ କିଛି ନ କରି ଗାଡିର ଷ୍ଟାଣ୍ଡ ମାରି ଗାଡ଼ି ଉପରେ ବସି ହନୁମାନ ଚାଳିଶା ପଢ଼ିଲି। କିଛି ସମୟ ପରେ ଜଣେ ବ୍ୟକ୍ତି ଲୁନାରେ ଆସୁଥିବା ଦେଖିଲି। ତାଙ୍କୁ ଅଟକାଇ କହିଲି ଭାଇ ତମେ ନକ୍ସଲ ନୁହଁ ତ? ସେ କହିଲେ ନା, ମୁଁ ପାଖ ଗାଁର। ତା'ପରେ ମୁଁ ତାଙ୍କ ଲୁନା ପଛେ ପଛେ ୧୦ କି.ମି. ଆସି ବୋକାରୋ ସହରରେ ପହଞ୍ଚିଲି। ସେ ଲୋକ ଜଣକ କହିଲେ ରାତିରେ କୁଆଡେ ନ ଯାଇ ଏଇଠି ରହିଯାଅ। କାରଣ ରାତିରେ ଗଲେ ନକ୍ସଲ ଗୁଳି ମାରିଦେବେ। ସେଠାକାର ଏକ ହୋଟେଲରେ ରାତିରେ ରହିଗଲି। ସକାଳେ ଜାମସେଦ୍‌ପୁର ଦେଇ କେନ୍ଦୁଝର ରୁଟ୍‌ରେ ଘରକୁ ଆସିଲି। ଏହାବାଦ୍ ବି ଅନେକ ସମୟରେ ଏକୁଟିଆ ବାଇକ୍ ରାଇଡ୍ କଲାବେଳେ ଲୋକ ଯଦି ଜାଣିଯାଆନ୍ତି ମୁଁ ଝିଅ ବୋଲି ପିଛାକରି ହଇରାଣ କରିଛନ୍ତି। ଏସବୁକୁ ସାମ୍ନା କରି ହିଁ ବାଇକ୍ ଚଲେଇବାକୁ ହୁଏ। ଓମେନ୍ ବାଇକର୍‌ଙ୍କୁ ନିଜ ସୁରକ୍ଷା କଥା ନିଜେ ଭାବିବାକୁ ହୁଏ। ଏବେ ମୋ ପାଖରେ ଜିକ୍ସର, ପଲ୍‌ସର୍, ରୟାଲ ଏନ୍‌ଫିଲ୍ଡ ୩୫୦, ଅଣ୍ଡରବର୍ଡ ୫୦୦ ଆଦି ବାଇକ୍ ଅଛି।'

**ସଙ୍ଗୀତାଙ୍କ 'ଉଇ ଦ ରୋଡ୍ କୁଇନ୍‌ସ':** ମହିଳାଙ୍କୁ ବାଇକ୍ ରାଇଡ୍ ପାଇଁ ପ୍ରୋତ୍ସାହିତ କରିବା ଓ ମହିଳା ବାଇକର୍‌ଙ୍କୁ ସମାଜରେ ଉଚିତ ସମ୍ମାନ ଦେବା ଉଦ୍ଦେଶ୍ୟ ନେଇ ୨୦୧୬ରେ ଭୁବନେଶ୍ୱରର ସଙ୍ଗୀତା ସାହୁ ଗଢ଼ିଥିଲେ 'ଉଇ ଦ ରୋଡ୍ କୁଇନ୍ସ' ନାମକ ଫିମେଲ୍ ବାଇକର୍ ଗ୍ରୁପ୍। 'ବାଇକିଂ ବାଏ ପ୍ୟାଶନ୍ ଆଣ୍ଡ ସୋସିଆଲ ୱାର୍କ ବାଏ କମ୍ପାସନ୍' ହେଉଛି ତାଙ୍କ ଗ୍ରୁପ୍‌ର ମୋଟୋ। ସଙ୍ଗୀତା କୁହନ୍ତି, 'ପିଲାଦିନୁ ମତେ ରାଜଦୂତର ଶବ୍ଦ ଓ ତା'ର ମାଚୋ ଲୁକ୍ ବହୁତ ପସନ୍ଦ ଥିଲା। ପରେ ଅଷ୍ଟମ ଶ୍ରେଣୀ ବେଳେ ମୁଁ ବୁଲେଟ୍ ଚଲାଇବା ଶିଖିଲି। ଆର୍ମି ପରିବାରର ଝିଅ ମୁଁ, ହଟାକଟା ଶରୀର। ତେଣୁ ଗାଡ଼ି ଚଲାଇବାରେ ବେଶି କଷ୍ଟ ହେଇ ନ ଥିଲା। ସ୍କୁଲ, କଲେଜ ମୁଁ ବାଇକ୍‌ରେ ଯାଉଥିଲି। ଗାଡି ଚଲାଇବାବେଳେ ଲୋକେ ମତେ ବଲ ବଲ କରି ଅନଉଥିଲେ। ଅନେକ କଥା ବି କହୁଥିଲେ। ପରେ ମୁଁ ଇମିଗ୍ରେଶନ୍ ଚାକିରି କରି ଦୁବାଇ ଚାଲିଯାଇଥିଲି। ସେଠି ମଧ୍ୟ ଗାଡି ଭଡାରେ ଆଣି ଚଲାଇଛି। ୱାର୍କ ଟ୍ରିପ୍ ଓ ପର୍ସନାଲ ଟ୍ରିପ୍‌କୁ ମିଶାଇ ମୁଁ ୧୪ଟି ଦେଶ ବୁଲିଛି। ଆଉ ସବୁଠି ବାଇକ୍ ରାଇଡ୍‌ର ମଜା ବି ଉଠାଇଛି। ଓମାନ ପରି ମୁସଲମାନ ଦେଶରେ ବି ବାଇକ୍ ଚଲାଇଛି। ଭାରତର ମନାଲି-ଲେହ ରୁଟ୍‌ରେ ବାଇକ୍ ଚଲାଇବାର ଅନୁଭୂତି ଥିଲା କିଛି ଭିନ୍ନ। ଭୁବନେଶ୍ୱରକୁ ମୁଁ ୨୦୧୦ରେ ଫେରିଥିଲି। ପରେ ବାହାଘର ହେଲା। ମୁଁ ଦୁଇମାସର ଗର୍ଭବତୀ ଥିବାବେଳେ ଥରେ ମୁଁ ଏକ ଗ୍ଲାଡିଏଟର୍ ବାଇକ୍ ଚଲାଉଥାଏ। ଦୁଇଜଣ ପୁଅ ମତେ ବହୁତ ଖରାପ ଭାଷାରେ କମେଣ୍ଟ କଲେ। ମୋ ଆଗରେ ପଛରେ ଗାଡି ଚଲାଇବାକୁ ଲାଗିଲେ। ଶେଷରେ ରନିଂ ବାଇକ୍‌ରେ ହିଁ ମୁଁ ତାଙ୍କ ପାଖକୁ ଯାଇ ଜଣଙ୍କର କଲାର୍ ଧରିନେଲି। କହିଲି, 'ବାଇକ୍ ରଖ। ଦମ୍ ଅଛି ଯଦି ମତେ ଏବେ ସାମ୍ନାସାମ୍ନି କହ କ'ଣ କହିବାର ଅଛି।' ବାଇକ୍ ଚାଲିଥାଏ। ସେମାନେ ଯେତେବେଳେ ଜାଣିଲେ ମୁଁ ଓଡ଼ିଆ, ମତେ ସରି କହିଲେ। ହେଲେ ସେତେବେଳକୁ ରାଗ ପଞ୍ଚମକୁ ଉଠି ଯାଇଥାଏ। ଗୋଟେ ଗୋଇଠା ମାରିଲି ସେମାନେ ପଡ଼ିଗଲେ। ସେତେବେଳେ ମୁଁ ଭାବିଲି ଏପର୍ଯ୍ୟନ୍ତ ଲୋକଙ୍କ ମନରେ ବାଇକ୍ ଚଲଉଥିବା ଝିଅଙ୍କ ପ୍ରତି ସେଇ ଖରାପ ଭାବନା ଅଛି। କିଛି ବଦଳିନି। ତେଣୁ ଝିଅମାନେ ବାଇକ୍ ଚଲାଇବାକୁ ସାଧାରଣ କଥାରେ ପରିଣତ କରିବା ତଥା ସମାଜ ଏହାକୁ ଗ୍ରହଣ କରିବା ଲାଗି ଅଧିକରୁ ଅଧିକ ଝିଅ ବାଇକ୍ ଚଲାଇବା ନିହାତି ଜରୁରୀ। ସେଥିପାଇଁ ଏକ ଗ୍ରୁପ୍ ଗଢ଼ିବାର ବି ଆବଶ୍ୟକତା ଅଛି। ହେଲେ ମୁଁ ଗର୍ଭବତୀ ଥିବାରୁ ସେତେବେଳେ କିଛି କରିପାରିଲିନି। ଛୁଆ ହେବାର ୨-୩ ବର୍ଷ ପରେ ୨୦୧୬ରେ ମୁଁ ଗାଡି ଚଲଉଥିବା ଝିଅମାନଙ୍କୁ ଏକାଠି କରି ଗଢିଲି **'ଉଇ ଦି ରୋଡ୍ କୁଇନ୍‌ସ'** ନାମକ ଓମେନ ବାଇକର୍ ଗ୍ରୁପ୍। ସେଥିରେ ସମାଜ ଓ ପରିବାର ଭୟରେ ଲୁଚି ଲୁଚି ଗାଡି ଚଲଉଥିବା ଅନେକ ଝିଅ ବି ସାମିଲ ହେଲେ। ଆମ ଗ୍ରୁପ୍‌ର ମର୍ଯ୍ୟାଦା ବଢାଇବା ଲାଗି ବିଭିନ୍ନ ସୋସିଆଲ କଜ୍ ନେଇ ରାଇଡ୍ ବି ଆରମ୍ଭ କଲି। ଏସିଡ ଆଟାକ୍ ଭିକ୍ଟିମ୍‌ଙ୍କୁ ସହାୟତାଠାରୁ ଆରମ୍ଭକରି ବୃକ୍ଷରୋପଣ ପାଇଁ ଆମେ ଅନେକ ବାଇକ୍ ରାଇଡ କରିଛୁ। ଏମିତିରେ ୨୦୧୨ରେ ଏସିଡ୍ ଆଟାକ୍‌ର ଶିକାର ହୋଇଥିବା ଏକ ଝିଅକୁ ଚିକିତ୍ସା ଯୋଗାଇବା ଲାଗି ୨୦୨୧ରେ ମୁଁ ନିଜେ ଭୁବନେଶ୍ୱରର ଶିଖରଚଣ୍ଡୀ ମନ୍ଦିରରୁ ବିରଜା ମନ୍ଦିର ଯାଏ ଦଶହରା ଦିନ ଦୁର୍ଗା ରୂପରେ ନାଲି ଶାଢ଼ି, ଗହଣା ଓ ମୁକୁଟ ପିନ୍ଧି ବାଇକ୍ ଚଲେଇ ଯାଇଥିଲି। ଗଲାବେଳେ ଟ୍ରାଫିକ୍ ପୋଲିସ୍ ମତେ ନମସ୍କାର କରିଥିଲେ। ଲୋକେ ଅଟକାଇ ଫଟୋ ଉଠାଉଥିଲେ। ସେଦିନ ଅନେକ ଲୋକ ସେହି ଝିଅ ପାଇଁ ଟଙ୍କା ଦାନ କରିଥିଲେ। ସେଇ ଟଙ୍କାରେ ସେ ଝିଅର ଅପରେଶନ୍ ବି ହେଲା। ସାଧାରଣ ବାଇକ୍ ଚଲେଇ ଗୋଟେ ଝିଅର ଜୀବନକୁ ସୁଧାରିପାରିଥିବାରୁ ବହୁତ ଖୁସି ଲାଗିଥିଲା। ଏହାବାଦ୍ ଆମେ ବିଭିନ୍ନ ସାମାଜିକ ସଚେତନତାମୂଳକ ବାର୍ତ୍ତା ନେଇ ବାଇକ୍ ରାଇଡ୍ କରିଛୁ। ଏଭଳି ରାଇଡ ଦେଖି ଅନ୍ୟ ଝିଅମାନେ ବି ପ୍ରେରଣା ପାଉଛନ୍ତି। ଅଧିକରୁ ଅଧିକ ଝିଅ ବାଇକ୍ ଚଲେଇବାକୁ ଆଗେଇ ଆସୁଛନ୍ତି। ଟ୍ରାଫିକ୍ ନିୟମକୁ ନେଇ ଆମେ ଏକ ଆନ୍ଥେମ୍ ଭିଡିଓ ବି କରିଥିଲୁ, ଯାହାକି ଏକ ର୍‍ୟାପ୍ ସଙ୍ଗ୍ ଭଳି ଥିଲା। ଆମ ଗ୍ରୁପ୍‌ରେ ଏବେ ୧୨ଜଣ ସଦସ୍ୟ ଅଛନ୍ତି। ତେବେ ମୁଁ ଏତିକି କହିବି ମହିଳା ରାଇଡର୍‌ଙ୍କ ଜୀବନ ଏତେଟା ସହଜ ନୁହେଁ। ସେମାନେ ଆଗେଇବାକୁ ହେଲେ ପ୍ରଥମେ ପରିବାରର ସହଯୋଗ ନିହାତି ଜରୁରୀ।

**ପଢ଼ା ସହ ଚାଲିଛି ବାଇକ୍ ରାଇଡ୍:** ସୁପ୍ରିୟା ଜେନା, ଉଇ ଦ ରୋଡ୍ କୁଇନ୍ସ ଗ୍ରୁପ୍‌ର ଜଣେ ସଦସ୍ୟା। ଘର ହାଉସିଂବୋର୍ଡ ଚନ୍ଦ୍ରଶେଖର ପୁରରେ। ସେ କୁହନ୍ତି, 'ରମାଦେବୀରେ ପଢ଼ିବାବେଳେ କେତେଜଣ ଝିଅ ବାଇକ୍ ଚଲଉଥିଲେ। ତାଙ୍କୁ ଦେଖି ମୋର ବି ଇଚ୍ଛା ହେଲା ବାଇକ ଚଳାଇବାକୁ। ପ୍ରଥମେ ଜଣେ ଭାଇ ମତେ କିଛିଟା ଗାଡ଼ି ଶିଖେଇଥିଲେ। ତା'ପରେ ନିଜେ ଚେଷ୍ଟାକରି ଗାଡ଼ିଚଲା ଭଲଭାବେ ଶିଖିଗଲି। ଘରେ ଜାଣି ନ ଥିଲେ ମୁଁ ବାଇକ୍ ଚଲେଇପାରେ। ଯେଉଁଦିନ ମୁଁ ପ୍ରଥମେ କଲୋନୀରେ ଚଲେଇଲି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କଲୋନୀର ଆଣ୍ଟିମାନେ ବୁଲି ବୁଲି ଅନଉଥିଲେ। କିଏ ଭଲ କହୁଥିଲେ ତ କିଏ ଖରାପ କହୁଥିଲେ। ନିଜ ଭଉଣୀ ତ କହିଲା ପୁଅପିଲା ପରି କ'ଣ ବାଇକ୍ ଚଲଉଛୁ। ହେଲେ ମୁଁ ମୋ ପ୍ୟାଶନ୍‌କୁ ଛାଡିପାରିନି। ପରେ କଲେଜରେ ସ୍ୱୀକୃତି ଦିଦି ରୋଡ କୁଇନ୍ସର ସଙ୍ଗୀତା ଦିଦିଙ୍କ ନମ୍ବର ମତେ ଦେଇଥିଲେ। ଏଇ ଗ୍ରୁପ୍ ଅନେକ କଜ୍ ରାଇଡ୍ ଯେମିତିକି ଏସିଡ୍ ଆଟାକ୍, ରେପ୍ ଭିକ୍ଟିମ୍‌ଙ୍କ ପାଇଁ ରାଇଡ୍ କରନ୍ତି। ସେଇ ଗ୍ରୁପ୍‌ରେ ମୁଁ ଯୋଗ ଦେଲି। ଟ୍ରାଫିକ୍ ନିୟମକୁ ନେଇ କରାଯାଇଥିବା ଆଲବମ୍‌ରେ ମୁଁ ବି ସାମିଲ ହେଇଥିଲି। ଏବେ ମୁଁ ଓୟୁଏଟିରେ ଏମ୍‌ଏସ୍‌ସି କରୁଛି। ପଢ଼ାରେ ବହୁତ ସମୟ ଦେବାକୁ ହେଉଛି। ତେଣୁ ଲଙ୍ଗ୍ ଡିଷ୍ଟାନ୍ସ ରାଇଡ୍ କରିପାରୁନି। ପଢ଼ାସରିଲା ପରେ ମୁଁ ଲଙ୍ଗ୍ ରାଇଡ୍ କରିବି। ବାଇକ୍ ଉପରେ ଯୋଗ କରିବାକୁ ମତେ ଭଲ ଲାଗେ। ଆଉ ଜୀବନସାଥୀ ବି ଏମିତି ଚାହେଁ, ଯିଏ କି ମୋ ସହ ବାଇକ୍ ରେସ୍ କରିପାରିବ।

ଓଡ଼ିଶାର ଏଇ ଓମେନ ବାଇକର୍ ଗ୍ରୁପ୍ ପରି ସାରା ଭାରତରେ 'ଦ ବାଇକର୍ନି', 'ବେଙ୍ଗଲ ଲେଡି ବାଇକର୍ସ', 'ରାଇଡର୍ନି', 'ହପ୍ ଅନ୍ ଗର୍ଲସ୍', 'ଲେଡି ରାଇଡର୍ସ ଅଫ୍ ଇଣ୍ଡିଆ', 'ରେଗାଲସ୍', 'ବାଇକିଂ କୁଇନ୍ସ', 'ବାଇକର୍ ବେବ୍‌ଜ' ନାମକ ଅନେକ ଓମେନ ବାଇକର୍ ଗ୍ରୁପ୍ ଅଛି। ଏଇ ସବୁ ଗ୍ରୁପ୍ ମାଧ୍ୟମରେ ଓମେନ ରାଇଡର୍‌ମାନେ ନାରୀର ଶକ୍ତି ଓ ସାମର୍ଥ୍ୟ ଯେ ଅସୀମିତ ତାହା ପ୍ରମାଣ କରୁଛନ୍ତି।

-ଶିବାନୀ ମହାନ୍ତି



ଅମିତା ସିଂ





# ସେବା ଓ ସର୍ଜନାର ଦୀପ୍ତି : କମଳା ଶତପଥୀ



ଜୀବନ ସଂଘର୍ଷ ଓ ଗତିଶୀଳତାର ଅନ୍ୟ ନାମ । ଆସ୍ପର୍ଦ୍ଧା ଓ ସ୍ୱାଭିମାନ ଜୀବନକୁ ଗରିମା ମଣ୍ଡିତ କରେ । ମଣିଷ ଅସରନ୍ତି ସାମର୍ଥ୍ୟର ଉତ୍ସ । ଖାଲି ତାହା ଆବିଷ୍କାର କରି ଜାଣିଲେ ହେଲା । ଏ କଥା ନିଜ ଜୀବନ ଓ ସାଧନା ମାଧ୍ୟମରେ ସୂଚାଇ ଦିଅନ୍ତି କମଳା ଶତପଥୀ । ସେ କୁହନ୍ତି , 'ନାରୀଟିଏ ସବୁ ପ୍ରତିକୂଳ ପରିସ୍ଥିତି ଭିତରୁ ଜୀବନକୁ ସହଜ ସୁନ୍ଦର କରିବାର ବାଟ କାଢ଼ିବା ବେଶ୍ ଜାଣେ ।' ସେ ହିଁ କହିପାରନ୍ତି , 'ଲୁହକୁ ଆଖିରେ ନୁହେଁ ଆତ୍ମାରେ କଠିନ କରେଇ ପାରିଲେ ତାହା ମୁକ୍ତା ଭଳି ଦୁର୍ମୂଲ୍ୟ ହୋଇଯିବ । ଜୀବନକୁ ବଞ୍ଚିବାର କଳା ଜାଣିଗଲେ ପୃଥିବୀ ଆପେ ଲୋଭନୀୟ ହୋଇଉଠିବ ।' ମୃତ୍ୟୁ ସହ ଲଢ଼ି ଜୀବନକୁ ଜିତି ଭରପୁର ଜୀଉଁଥିବା ଏବଂ ଅସଂଖ୍ୟ ନାରୀଙ୍କ ଭିତରେ ଜୀବନକୁ ସସମ୍ମାନେ ଜୀଆଁଉଥିବା ଏହି ନାରୀ ଜଣଙ୍କ ହେଉଛନ୍ତି କମଳା ଶତପଥୀ ଯିଏ ଏକାଧାରରେ କବି , ପ୍ରାବନ୍ଧିକ , କଥାକାର , ନାଟ୍ୟକାର , ଅନୁବାଦିକା, ସଂଗଠକ, ସମ୍ପାଦକ, ସଂସ୍କୃତି ସଂରକ୍ଷକ, ବକ୍ତା ଆଉ କେତେ କଣ । ଜୁଲାଇ ୧,୧୯୬୩ରେ ବାରଙ୍ଗର ଖୈରପଡ଼ା ଗାଁରେ ପିତା ଗନ୍ଧର୍ବ ମିଶ୍ର ଏବଂ ମାତା ସ୍ନେହଲତା ମିଶ୍ରଙ୍କ କୋଳ ମଣ୍ଡନ କରିଥିଲେ ସୁପୁତ୍ରୀ କମଳା ଶତପଥୀ । କଟକର ପାଣି ପବନରେ ବଢିଥିବା କମଳା ରେଭେନ୍ସା ଗାର୍ଲସ ହାଇସ୍କୁଲ୍ ରୁ ୧୯୭୯ ମସିହାରେ ମେଟ୍ରିକ୍ ପାସ୍ କରି ଶୈଳବାଳା ମହିଳା ମହାବିଦ୍ୟାଳୟ ୧୯୮୩ ମସିହାରେ ସ୍ନାତକ , ବାଣୀ ବିହାରରୁ ୧୯୮୫ରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ବିଷୟ ସିନା ଦର୍ଶନ ରୁଚି ଥିଲା କଳା ଓ ସଂସ୍କୃତିରେ । ପରମ୍ପରାବାଦୀ ପରିବେଶ ଯେଉଁଠି କେବଳ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଥିଲା ସେଠାରେ ପିତାମାତାଙ୍କ ବିଶେଷ ଆଗ୍ରହ ପାଇଁ ଓଡିଶୀ ଗୀତ ଶିଖିବାର ସୁଯୋଗ ମିଳିଥିଲା । ବଗିଚା କାମ , କିଛି କିଛି ସିଲେଇପତ୍ର, ବୁଣାବୁଣି ଓ ଚିତ୍ରାଙ୍କନ ବି ଶିଖୁଥିଲେ ଯାହା ପରବର୍ତ୍ତୀ ସମୟରେ ତାଙ୍କୁ କଳାନୁରାଗୀ କରିଥିଲା । ବିବାହ ପରେ ମୁମ୍ବାଇ ଆସିଲା ପରେ ସେସବୁକୁ ଶିଖିବାର ଇଚ୍ଛାକୁ ସାକାର କରିବାକୁ ସୁଯୋଗ ମିଳିଲା । ସେ ନାଚ, ଡ୍ରାମା, ଡବିଙ୍ଗ୍ , ସିଲେଇ, ବୁଣାବୁଣି ସବୁ ପ୍ରକାରର କଳାରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ଅନ୍ୟ ମହିଳାମାନଙ୍କୁ ବି ସେଥିରେ ସିଦ୍ଧହସ୍ତ ଓ ଉପାର୍ଜନକ୍ଷମ ହେବାକୁ ତାଲିମ ଦେଉଛନ୍ତି ।

ନିଜ ଜନ୍ମମାଟିଠାରୁ ଅନେକ ଦୂରରେ ମୁମ୍ବାଇରେ ଦୀର୍ଘ ସଇଁତିରିଶ ବର୍ଷ ଧରି ଅବସ୍ଥାନ କରିଥିବା କମଳା ଶତପଥୀ ନିଜ ଜୀବନସାଥୀ ସଚ୍ଚିଦାନନ୍ଦ ଶତପଥୀଙ୍କ ସହ ଅନେକ ଗୁଡିଏ ଓଡ଼ିଆ ସଂସ୍ଥା ସହ ଯୋଡି ହୋଇ ଓଡ଼ିଆ ଅସ୍ମିତା ପାଇଁ କାମ କରି ଆସୁଛନ୍ତି । ନାରୀ ସଶକ୍ତିକରଣ ପାଇଁ କାର୍ଯ୍ୟ କରୁଥିବା ବମ୍ବେ ଓଡ଼ିଆ ଓମେନ୍ସ ଆସୋସିଏସନ (ବୋଆ BOWA) ସହିତ ପ୍ରଥମରୁ କମଳା ଶତପଥୀ ଜଡ଼ିତ । ଏହି ସଂସ୍ଥା ଦ୍ୱାରା ପ୍ରକାଶ ପାଉଥିବା ବାର୍ଷିକ ମୁଖପତ୍ର 'ତଅପୋଇ'ର ସେ ସମ୍ପାଦିକା । 'ତଅପୋଇ' ମାଧ୍ୟମରେ ପ୍ରବାସୀ ଓଡ଼ିଆଙ୍କୁ ନିଜ ମାତୃଭାଷା ପାଇଁ ପ୍ରେମ ଓ ସମ୍ମାନ ଜଣାଇବାକୁ ସେ ଯଥାସାଧ ଉଦ୍ୟମ କରୁଛନ୍ତି । କରୋନା ସମୟରେ ବିପର୍ଯ୍ୟସ୍ତ ମାନସିକତାରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ହ୍ୱାଟ୍ସଆପ ଗ୍ରୁପରେ ଏକତ୍ରିତ କରି ଲେଖାଲେଖି ପାଇଁ ପ୍ରୋତ୍ସାହିତ କରିବା ସହ ସେସବୁ ଲେଖାକୁ ପତ୍ରିକା ଆକାରରେ ପ୍ରକାଶିତ କରେଇ ପାଠକପ୍ରିୟ କରିପାରିଛନ୍ତି । ଏତଦ୍‌ବ୍ୟତୀତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବିଭିନ୍ନ ସଂସ୍ଥା ମାଧ୍ୟମରେ ସିଲେଇ ଆଉ ବୁଣାବୁଣିଠାରୁ ଆରମ୍ଭ କରି ପେଣ୍ଟିଂ , ବେଡ଼ସିଟ, କୁସନ ଡିଜାଇନ, ପଟ ମେକିଙ୍ଗ, ଟି ସାର୍ଟ ଡିଜାଇନ ଭଳି ଅତ୍ୟନ୍ତ ଘରୋଇ ଚିଜକୁ କେମିତି କଳାତ୍ମକ ଓ ଆକର୍ଷଣୀୟ କରିହେବ ସେହିସବୁ କାମ ସେ ଶିକ୍ଷା ଦିଅନ୍ତି ।


ସେହିସବୁ ହସ୍ତକାର୍ଯ୍ୟକୁ ସଂସ୍ଥା ଦ୍ୱାରା ଆୟୋଜିତ ପ୍ରଦର୍ଶନୀରୁ ଲୋକେ ପସନ୍ଦ କରି କିଣନ୍ତି ଏବଂ ଲବ୍ଧ ଲାଭକୁ ବୋଆର କ୍ୟାନସର ସେଲଟର୍ ହୋମ୍‌ର ରୋଗୀଙ୍କୁ ଦାନ କରାଯାଏ । ଓଡିଶା ଲେଖିକା ସଂସଦ ସମ୍ମାନ, କଳିଙ୍ଗ ବୁକ ଫେଆର ସମ୍ମାନ, ସୁବାର୍ତ୍ତା ଶ୍ରେଷ୍ଠ କବି ସମ୍ମାନ, ସାଗରିକା ସମ୍ମାନ, ଗଙ୍ଗାଧର ରଥ ଫାଉଣ୍ଡେସନ ତରଫରୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର, ଦକ୍ଷା ଉପନ୍ୟାସ ପୁରସ୍କାର, ରାଜଧାନୀ ବୁକ୍ ଫେଆର ସମ୍ମାନ ଆଦି ଅନେକ ମାନସମ୍ମାନ ହାସଲ କରିଥିବା କମଳା ଶତପଥୀଙ୍କ ଓଡ଼ିଆ, ହିନ୍ଦୀ, ମରାଠୀ ହୋଇ ୨୬ ଖଣ୍ଡ ବହି ରହିଛି । ଆକାଶବାଣୀ କଟକ କେନ୍ଦ୍ରରେ ୧୩ଟି ବେତାର ନାଟକ ପ୍ରସାରିତ ହୋଇଛି । ପୁସ୍ତକ ଆକାରରେ ଛଅଟି ନାଟକ ପ୍ରକାଶିତ ହୋଇଥିଲାବେଳେ ନିଜ ଲିଖିତ କୋଡିଏଟି ନାଟକକୁ ମୁମ୍ବାଇରେ ଆପଣା ନିର୍ଦ୍ଦେଶନାରେ ମଞ୍ଚସ୍ଥ କରେଇ ସାରିଛନ୍ତି । ବାଇଶ ଖଣ୍ଡ ଉପନ୍ୟାସ ବିଭିନ୍ନ ବର୍ଷର ପୂଜା ସଂଖ୍ୟାରେ ପ୍ରକାଶିତ ହୋଇ ଢେର ପାଠକୀୟ ଖ୍ୟାତି ଅର୍ଜନ କରିଛି । ତାଙ୍କ ଲେଖାଗୁଡିକ ହିନ୍ଦୀ, ମରାଠୀ , ଇଂରାଜୀ , ତେଲେଗୁ , କନ୍ନଡ଼ ଭାଷାରେ ଅନୂଦିତ ହୋଇ ତାଙ୍କୁ ବିପୁଳ ଶ୍ରଦ୍ଧା ଓ ସାମ୍ମାନ ଦେଇଛି । ଏବେ ଏବେ ୨୦୨୨ ବର୍ଷ ପାଇଁ ସୟଦ୍ ସଲିମଙ୍କର ତେଲୁଗୁ ଉପନ୍ୟାସ 'ଭେନ୍ଦି ମେଘମ୍'ର ହିନ୍ଦୀ ପୁସ୍ତକ 'ସୁନହରୀ ବାଦଲ'କୁ ଓଡ଼ିଆରେ ଅନୁବାଦ କରି କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସଫଳ ଅନୁବାଦ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସେ କୁହନ୍ତି , 'ଅନୁବାଦ ଏକ କଳା ଏବଂ କଷ୍ଟସାଧ କାର୍ଯ୍ୟ । ଦୁଇଟି ଯାକ ଭାଷା ଉପରେ ସେତିକି ଦକ୍ଷତା ନରହିଲେ ଅନୁବାଦ ସଫଳ ହୁଏନି । ଅଭିଧାନ ଧରି ଶବ୍ଦର ଅର୍ଥ ସିନା ଖୋଜି ହୁଏ ଭାବ ନୁହେଁ । ସେହି ଭାବକୁ ନିଜ ଭାଷାରେ ମୌଳିକ ଭାବରେ ଲେଖି ପରଷିବାର କଳାଟି ଅନୁବାଦକୁ ସଫଳ କରେ ।' ଅପର୍ଯ୍ୟାପ୍ତ ଭାବକୁ ଧରି ପ୍ରବାସରେ ନିଜ ମାତୃଭାଷାକୁ ସଭିଙ୍କ ପାଖରେ ପହଞ୍ଚେଇବାର ପ୍ରଚଣ୍ଡ ଅଭିଳାଷରୁ ତିଆରି ହୋଇଛି ତାଙ୍କ ଭିତରେ ଅନୁବାଦ କରିବାର ନିଶା ବୋଲି ସେ କୁହନ୍ତି । ଅନୁବାଦ କରିବାର ଝୁଙ୍କ ତାଙ୍କ ଭିତରେ ତିଆରି କରିଥିଲେ ଉର୍ଦ୍ଦୁ, ହିନ୍ଦୀ, ମରାଠୀ ଭାଷାର ବିଶିଷ୍ଟ ସାହିତ୍ୟିକ ଡ. ରାମ ପଣ୍ଡିତ । ସବୁ ଅନୁବାଦକଙ୍କ ଭଳି ଅନ୍ୟ ଭାଷାର ଲେଖାକୁ ମାତୃଭାଷାରେ ଅନୁବାଦ ନକରି ସେ ପ୍ରଥମେ ବିଶିଷ୍ଟ କବି ବଂଶୀଧର ଷଡ଼ଙ୍ଗୀଙ୍କ ଛଅ ଗୋଟି ଓଡ଼ିଆ କବିତା ହିନ୍ଦୀକୁ ଅନୁବାଦ କରି , ତାର ସମୀକ୍ଷା ଲେଖି 'ଶବ୍ଦସୃଷ୍ଟି 'ନାମକ ଏକ ପ୍ରତିଷ୍ଠିତ ଦ୍ୱିଭାଷୀ ପତ୍ରିକାକୁ ପଠେଇ ସଫଳ ହୋଇଥିଲେ । ବିଭିନ୍ନ ଭାଷାରେ ଦକ୍ଷତା ଥିବା, ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଉଥିବା ଏବଂ ଚେହେରାର ସାଧାରଣ ଲାଗୁଥିବା କମଳା ଶତପଥୀ ଅସାଧାରଣତ୍ୱକୁ ଆଧାର କରି ନାରୀ ସଶକ୍ତିକରଣ ପାଇଁ , ଜୀବନବୋଧ ପାଇଁ ଯେଉଁ ମର୍ଯ୍ୟାଦାଜନକ କାମ କରୁଛନ୍ତି ତାହା ନିହାତି ଉଦାହରଣୀୟ ।




**–ମାନମୟୀ ରଥ**
*ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ , ପୁରୀ, ମୋ:୭୯୭୮୫୭୯୩୯୯*









# ପୁନରାବୃତ୍ତି

**-ରାଧାମୋହନ ପାଣିଗ୍ରାହୀ**

ରଙ୍ଗ ବି ବଦଳେ
ଋତୁ ବି ବଦଳେ
ବଦଳୁଥାଏ ସମୟର ଚକ୍ର।

ପତ୍ର ବି କଅଁଳେ
ବୃକ୍ଷ ବି ଝାଉଁଳେ
ଛିଡୁଥାଏ ବୟସର ଅଙ୍କ।

ବୀଜ ବି ଗଜୁରେ
ପ୍ରାଣ ବି ସଞ୍ଚରେ
ଜନ୍ମୁଥାଏ ନୂତନ ସମ୍ଭାବନା।

ସ୍ୱପ୍ନ ବି ମଉଳେ
ହୃଦୟ ବି ତରଳେ
ବୋହୁଥାଏ ଜୀବନର ସ୍ରୋତ।

ସମ୍ପର୍କ ବି ଯୋଡ଼େ
ସମ୍ପର୍କ ବି ବିଗିଡ଼େ
ତଥାପି ଗଡୁଥାଏ ସଂସାର ରଥ।

ଭାଙ୍ଗିବା-ଗଢିବା,ଛିଣ୍ଡିବା-ଯୋଡିବା
ପୁଣି ଆସିବା-ଫେରିବାର
ପୂର୍ବ ଓ ପରବର୍ତ୍ତୀ ପ୍ରକ୍ରିୟା
ଏମିତି ଚାଲୁଥାଏ ଅବିରତ
ସୁଖ ପରେ ଦୁଃଖ,
ଦୁଃଖ ପରେ ସୁଖ ଚକ୍ରାକାର ହୋଇ
ଅଢେଇଦିନିଆ ଜୀବନରେ
ଜ୍ଞାତରେ ଅବା ଅଜ୍ଞାତରେ !!

*-ଗ୍ରାମ:ପଦ୍ମପୁର,ଜିଲ୍ଲା:ରାୟଗଡ଼*
*ମୋ: ୭୨୦୫୧୨୬୯୫୧*

# ତିନୋଟି ସ୍କେଚ୍

**-ବିକ୍ରମ ପ୍ରସାଦ ପଣ୍ଡା**

## ଭୂମିକମ୍ପ

ସେ ଲେସି ହୋଇ ରହିଥିଲା ମୋ ଛାତିରେ। ଠିକ୍ ଯେମିତି ପୋଟଳ ଗଛରେ ଲଟକି ଥାଏ ଲାଉଡଙ୍ଗିଆ। ଧକ୍‌ଧକ୍... ଧକ୍‌ଧକ୍... ଧକ୍‌ଧକ୍...। ରେଳ ପଟରିରେ ରାଜଧାନୀ ଏକ୍ସପ୍ରେସ୍ ଭଳି ତୀବ୍ର ହେଉଥିଲା ଦିହିଁଙ୍କ ହୃଦ୍‌ସ୍ପନ୍ଦନ। ସେ କହିଲା କ'ଣ ଏମିତି ଗୋଟାପଣେ ଥରୁଛ ? ମୁଁ କହିଲି ପ୍ରଳୟଙ୍କରୀ ଭୂମିକମ୍ପ ବୋଧେ ଆସିବ। ସେ ମୁଦିଦେଲା ଆଖି ଯୋଡ଼ିକ। ଆଉ ଟିକେ ଜାକିହୋଇ ଆସିଲା ମୋ ଆଡ଼କୁ।

## କଲିଜା

ଗପଟେ କହିବି ? ଜମା ନାହିଁ। ତୁ ଦି ଚାପୁଡ଼ା ମାରିଦେ ପଛେ ବାରମ୍ବାର ସେ ମାଙ୍କଡ଼-କୁମ୍ଭୀର-କଲିଜା ଗପ କହି ମତେ ଆଉ ମାନସିକ ଯନ୍ତ୍ରଣା ଦେଏନା। ପ୍ଲିଜ୍। ହଉ ଛାଡ଼େ। କହିଲୁ ମୋତେ ବାଦ୍‌ଦେଲେ ତୋ ପୃଥିବୀ ତତେ କେମିତି ଦିଶେ ? ମୋର ଏ ଛୋଟିଆ ପ୍ରଶ୍ନରେ ସେ ନିରବୀଗଲା। ଆଖି ଛଳଛଳ କରି ତା' ମୁଣ୍ଡକୁ ଗୁଞ୍ଜିଦେଲା ମୋ କାନ୍ଧରେ। ଆସ୍ତେକିରି କହିଲା ହଉ କହ ସେ 'ମାଙ୍କଡ଼-କୁମ୍ଭୀର-କଲିଜା' ଗପଟା।

## ଫୁଲେଇ

ମୁଁ ଆଖି ବନ୍ଦ କଲି। ଦିଟା ଆଙ୍ଗୁଠି ତା' ଆଡ଼କୁ ବଢ଼ାଇଲି। କହିଲି ଗୋଟେ ଛୁଇଁଲୁ। ସେ କହିଲା ଜମାରୁ ନୁହଁ। ମତେ ଏ ଖେଳ ଖେଳିବାର ନାହିଁ। ହଉ ତୋର-ମୋର ଆଜିଠୁ... ଏତକ କହୁ କହୁ ସେ ତା' ପାପୁଲିରେ ମୁଦିଦେଲା ମୋ ଓଠ। ଟିକେ ସମୟ ସେମିତି ରହିଲା। ପୁଣି କ'ଣ ଭାବିଲା କେଜାଣି, ୨ଟା ଯାକ ଆଙ୍ଗୁଠିକୁ ଭିଡ଼ି ଧରିଲା। ଆଉ କହିଲା, ଏ ଆଙ୍ଗୁଠି ମୋର। ଏ ଭାବନା ବି ମୋର। ଆଉ କାହାର ଏଥିରେ ଟିକେ ବି ଭାଗନାହିଁ। ମୁଁ ଆବା କାବା ହୋଇ ଅନାଇ ରହିଥିଲି ସେ ଫୁଲେଇକୁ। ଆଉ ତା' ନିରୀହପଣ ମତେ ବନ୍ଦୀ କରି ଚାଲିଥିଲା ଭାବନାର ଚଉହଦୀରେ।

*-ଧରାକୋଟ*
*ମୋ:୯୩୩୭୦୩୦୧୪୩*



# ନିରୁଦ୍ଦିଷ୍ଟ-୨

**-ତପନ କୁମାର ପଣ୍ଡା**

ସେଦିନ ଡରବାନ୍ ର ଏୟାରପୋର୍ଟରୁ
କେଉଁ ଆଡେ ନିରୁଦ୍ଦିଷ୍ଟ ହେଲ ତୁମେ !
ସନ୍ଧ୍ୟା ଭଳି ଉଜ୍ଜଳ କଳାରଙ୍ଗର ଆଫ୍ରିକାନ୍
ସ୍ତ୍ରୀଲୋକର ପଛେ ପଛେ ଯାଇ,
ନିଷ୍ଫଳ ଫେରିଆସିଛି ଆଜିର ଏ କବିତା,
କାଲିର ଜହ୍ନକୁ ଲାଗି,ତଳକୁ ଯେଉଁ ଟୁକୁରାଏ ଜ୍ୟୋତିଷ୍କ
ସ୍ମାର୍ଟଫୋନ୍‌ର ସ୍କ୍ରିନ୍‌ରେ ନାଚୁଥିଲା ସକାଳ ପର୍ଯ୍ୟନ୍ତ,
ତା'ଠୁ ବି ଉତ୍ତର ଅନିଶ୍ଚିତ।
ଜିତୁ କହୁଥିଲା,
ଚାରିହଜାର ତିନିଶହ ନବେ ଫୁଟ୍ ଉଚ୍ଚତାରେ,
ଆଲାସ୍କାର ବରଫାବୃତ୍ତ ଶୃଙ୍ଗରେ ଶୋଇଛ ନିଦରେ,
କଲୋରାଡୋର ସୁଅରେ କାଗଜଡଙ୍ଗା ହେଇ ଭାସି
ଯିବାବେଳେ ମେକ୍ସିକୋରେ ଆଶ୍ଚର୍ଯ୍ୟ ଭାବରେ
ତୁମେ ଆକର୍ଷଣୀୟା ସ୍ତ୍ରୀ ଲୋକଟେ ହେଇ ହଜିଗଲ
ଗହଳିରେ,
ଜିତୁ କହୁଥିଲା,ତୁମେ ଫେରି ଆସିଥିଲ ଦେଓମାଳି
ଗଲା ବର୍ଷାଋତୁରେ।
ପ୍ରେମିକମାନେ କ'ଣ ଚିରକାଳ
ଅନ୍ୟମନସ୍କ ପ୍ରିୟମ୍ବଦା !
ଦ୍ୱିପ୍ରହର ଖାଇବା ତାଗିଦ୍ କରି
ତୁମେ ଏଇ ତ ଯାଇଛ ଅନ୍ଧାର ଅରଣ୍ୟରୁ ଖୋଜିବାକୁ
ଆଜି ରାତିର ସ୍ୱପ୍ନ,
ଜିତୁ କହୁଥିଲା,
ତୁମ ନିରୁଦ୍ଦିଷ୍ଟର ସବୁ ଖବର ମିଛ,
ତାହା ମିଛ।

*- ପୁନେ, ମୋ: ୭୦୮୨୪୬୪୮୦୦*



# ପ୍ରେମ

**- ପବିତ୍ର ବ୍ରହ୍ମପୁତ୍ର ନାୟକ**

କାଳେ କାଳେ
ପ୍ରେମର ଜିତ ହୁଏ,
ହାରେ ବାଧା ବିଘ୍ନ ।

ପ୍ରଜାପତିକୁ
ଅଟକେଇ ପାରେନା
କଉ କଂକ୍ରିଟର ଛାତ କି,
କଣ୍ଟାର ଚାଦର ।

ନୀରବତା ଯେତେ ବଢ଼େ
ତା'ଠୁ ଦୁଇଗୁଣ ବଢ଼ିଥାଏ
ପ୍ରେମ ।

*- ରାଜନଗର,କେନ୍ଦ୍ରାପଡ଼ା*
*ମୋ: ୯୪୩୭୬୧୩୪୩୮*

# ଆଶା ରଖିଛନ୍ତି ଦୀପିକା



ଦୀପିକା

ଦୀପିକା ପାଦୁକୋନ୍‌ଙ୍କ ଇଚ୍ଛା ପୁଣିଥରେ ସେ କେମିତି ବଲିଉଡ୍‌ର ବାଦ୍‌ଶାହ ଶାହରୁଖଙ୍କ ସହ ଅଭିନୟ କରିବେ। ଏହାପୂର୍ବରୁ ସେ ତାଙ୍କ ସହ କେତୋଟି ସିନେମାରେ ପରଦା ଉପରକୁ ଆସିସାରିଛନ୍ତି। ଏବେ ପୁଣି ଆଉ ଥରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବାକୁ ଆଗ୍ରହୀ। ଏହାର କାରଣ କ'ଣ ଜାଣନ୍ତି ? ନିକଟରେ ଦୁହେଁ ଅଭିନୟ କରିଥିବା 'ପଠାନ୍' ବକ୍ସ ଅଫିସରେ ଆଶାତୀତ ବିଜେନସ କରିଛି। ଏଥିଲାଗି ଦୀପିକା ଶାହରୁଖଙ୍କୁ ପ୍ରଶଂସାରେ ପୋତି ପକାଇବା ସହ ତାଙ୍କ ସହ ଆଉ ଏକ ଫିଲ୍ମ କରିବାକୁ ମନ ବଳେଇଛନ୍ତି। ଏ ନେଇ ଦୀପିକା କହନ୍ତି, 'ମୁଁ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲି ମୋ ଡେବ୍ୟୁ ଫିଲ୍ମ ଥିଲା ଫରହା ଖାନ୍‌ଙ୍କ 'ଓମ୍ ଶାନ୍ତି ଓମ୍',ଯେଉଁଥିରେ ଶାହରୁଖ ନାୟକ ସାଜିଥିଲେ। ଏହି ଫିଲ୍ମ ପାଇଁ ମୋତେ ଶ୍ରେଷ୍ଠ ନବାଗତା ନାୟିକା ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ତା'ପରେ ମୁଁ ଶାହରୁଖଙ୍କ ସହ 'ହାପି ନ୍ୟୁ ଇୟର' ଏବଂ ଚେନ୍ନାଇ ଏକ୍ସପ୍ରେସ୍'ରେ ମଧ୍ୟ ଅଭିନୟ କରିଛି। ଏକଥା ମୁଁ ସ୍ୱୀକାର କରିବି ଯେ ଶାହରୁଖ ଏଭଳି ଜଣେ ଅଭିନେତା ଯାହାଙ୍କ ସହ ଆକ୍ଟିଂ କରିବାର ମଜା ଅଲଗା। ସେ ଅଭିନୟ କରିଥିବା ତଥା ନିର୍ମାଣାଧୀନ 'ଜୱାନ'ରେ ମୁଁ ବି କାମିଓ ଭୂମିକାରେ ଆକ୍ଟିଂ କରିଛି। ଏବେ ଯଦି ମୋତେ ତାଙ୍କ ସହ ପୁଣି ସୁଯୋଗ ମିଳେ ସେଭଳି ଅଫରକୁ କଦାପି ହାତଛଡା କରିବି ନାହିଁ।'

# ଦୀପାବଳିକୁ ଅପେକ୍ଷା

ସଲମାନ ଖାଁ ଚଳିତ ବର୍ଷ ଦୀପାବଳିକୁ ଅପେକ୍ଷା କରିଛନ୍ତି। କାହିଁକି ଜାଣନ୍ତି ? ଏବର୍ଷ ଦୀପାବଳିରେ ତାଙ୍କ ଅଭିନୀତ ତଥା ଚର୍ଚ୍ଚିତ 'ଟାଇଗର ୩' ରିଲିଜ ହେବାକୁ ଯାଉଛି। ଆକ୍ସନଭିତ୍ତିକ ଏହି ସିନେମାର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଖାସ୍ କଥା ହେଲା ସେ ନିଜେ ଏହାର କାହାଣୀ ରଚନା କରିଛନ୍ତି। ୟଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ସିକ୍ୱେଲ୍ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପ୍ରଯୋଜକ ଆଶା ରଖିଛନ୍ତି। ବିଶେଷଭାବରେ ଏହାର କାହାଣୀ ଆକ୍ସନଭିତ୍ତିକ। ଆଉ ଏଥିରେ ସଲମାନଙ୍କ ଫାଇଟ୍ ହିଁ ମୁଖ୍ୟ ଆକର୍ଷଣ ହେବ ବୋଲି ସୂଚନା ଦେଇଛନ୍ତି ଆଦିତ୍ୟ। ଏହି ଫିଲ୍ମରେ ସଲମାନଙ୍କ ନାୟିକା ସାଜିଛନ୍ତି କ୍ୟାଟ୍ରିନା। ଏମାନଙ୍କ ବ୍ୟତୀତ ଇମ୍ରାନ୍ ହାସମୀ ଏବଂ ଆଶୁତୋଷ ରାଣାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଶାହରୁଖ ଏଥିରେ କାମିଓ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମନୀଷ ଶର୍ମା। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରୀତମ ଚକ୍ରବର୍ତ୍ତୀ। ପ୍ରାୟ ୩୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ସିନେମା ନଭେମ୍ବର ୧୦ରେ ପରଦା ଉପରକୁ ଆସିବ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।



ସଲମାନ୍

# ଏବେ ବି ମନେ ପଡ଼ୁଛି



ଶ୍ରଦ୍ଧା

ଶ୍ରଦ୍ଧା କପୁର ସେତେବେଳେ ସ୍କୁଲରେ ପଢୁଥାଆନ୍ତି। ବୟସ ମାତ୍ର ୧୫ କି ୧୬। ଏହି ସମୟରେ ହଠାତ୍ ତାଙ୍କୁ ହିନ୍ଦୀ ସିନେମାରେ ନାୟିକା ସାଜିବାକୁ ଅଫର ମିଳିଥିଲା। ଆଉ ଏଭଳି ପ୍ରପୋଜାଲ୍ ପ୍ରଥମେ ଦେଇଥିଲେ ସଲମାନ ଖାଁ ଓରଫ ସଲ୍ଲୁ ମିଆଁ। କିନ୍ତୁ ଏଭଳି ସୁଯୋଗର ସେ ସଦୁପଯୋଗ କରିପାରି ନ ଥିଲେ। ଏ ବିଷୟରେ ଶ୍ରଦ୍ଧା କହନ୍ତି, 'ଯେତେବେଳେ ଏପରି ଅଫର ମିଳିଲା ମୁଁ ପାପା (ଶକ୍ତି କପୁର)ଙ୍କ ସହ ଆଲୋଚନା କଲି। ଆଉ ଭାବିଲି ଏବେ ମୋର ନାୟିକା ଭୂମିକାରେ ଅଭିନୟ କରିବାର ବୟସ ହୋଇନାହିଁ। ପାଠ ପଢ଼ା ଚାଲିଛି। ତେଣୁ ସେହି ଅଫରକୁ ମୁଁ ଗ୍ରହଣ କରି ନ ଥିଲି। ଏବେ ବି ମୋର ସେହି ଅଫର ବିଷୟରେ ମନେ ପଡେ।' ହଁ, ଏହି ଫିଲ୍ମଟିର ଟାଇଟଲ କ'ଣ ଥିଲା ଜାଣନ୍ତି ? 'ଲକି : ନୋ ଟାଇମ୍ ଫର ଲଭ୍'। ୨୦୦୫ରେ ପ୍ରସ୍ତୁତ ଉକ୍ତ ସିନେମାରେ ସେତେବେଳେ ଶ୍ରଦ୍ଧାଙ୍କ ସ୍ଥାନରେ ସ୍ନେହା ଉଲାଲଙ୍କୁ ସାଇନ୍ କରାଯାଇଥିଲା। ତେବେ ଜାଣନ୍ତିକି ଶ୍ରଦ୍ଧା ଦିନ ତମାମ ଯାହା ଖାଆନ୍ତୁ ନା କାହିଁକି ସକାଳୁ ଚା' ପିଇବାକୁ କଦାପି ଭୁଲି ନ ଥାନ୍ତି। ଗୁରୁ ଦତ୍ତଙ୍କର ରୋମାଣ୍ଟିକ ଫିଲ୍ମ 'ପ୍ୟାସା' ହେଉଛି ତାଙ୍କର ଫେଭରାଇଟ୍ ମୁଭି। ଆଉ ଏକ ମଜାଦାର କଥା ହେଲା ଟାଇଗର ଶ୍ରଫ ତାଙ୍କର ସହପାଠୀ ଥିଲେ।

# ବାଟ ଖୋଜୁଛନ୍ତି ଅଦିତି



ଅଦିତି

ଅଦିତି ରାଓ ହାଇଦରି ଏବେ ବାଟ ଖୋଜୁଛନ୍ତି। କାରଣ ସେ ଏକାଥରେ ଦୁଇଟି ସିନେମାର ଶୁଟିଂ ସମାନ୍ତରାଳ ଭାବରେ ଆରମ୍ଭ କରିଦେଇଛନ୍ତି। ତେଣୁ ତାଙ୍କୁ ଏବେ ବିଶ୍ରାମ ନେବାକୁ ମଧ୍ୟ ସମୟ ନାହିଁ। ଏହା ସାଙ୍ଗକୁ ଆଉ ଏକ କଥା ତାଙ୍କର ଟେନସନ ବଢ଼ାଇ ଦେଇଛି। ତାହା କ'ଣ ଜାଣନ୍ତି। ଆଦିତି ଅଭିନୟ କରୁଥିବା ଏକ ୱେବ୍ ସିରିଜ୍‌ର ଶୁଟିଂ ମଧ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ତେଣୁ ଏସବୁକୁ ନେଇ ଅଡୁଆରେ ପଡିଯାଇଛନ୍ତି ସେ। ଏ ନେଇ ଅଦିତି କହନ୍ତି, 'ବର୍ତ୍ତମାନ ଦୁଇଟି ସିନେମାର ଶୁଟିଂ ଚାଲିଛି। ଏଥିରେ ଦର୍ଶକ ମୋତେ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ହେଲେ ନିକଟରେ ମୁଁ ସାଇନ୍ କରିଥିବା ଏକ ୱେବ୍ ସିରିଜ୍‌ର ଶୁଟିଂ ମଧ୍ୟ ଆରମ୍ଭ ହେବାକୁ ଯାଉଛି। ତେଣୁ ଏହା ପାଇଁ ମୁଁ କେମିତି ଡେଟ୍ ବାହାର କରିବି ତା'ର ବାଟ ଖୋଜୁଛି। ମୋତେ ଦେଖିଚାହିଁ ଆଗେଇବାକୁ ପଡିବ।' ଅଦିତିଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଏକ ମାଲାୟାଲାମ ଫିଲ୍ମରୁ, ଯାହାର ଟାଇଟଲ ଥିଲା 'ପ୍ରଜାପତି'। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦିଲ୍ଲୀ ୬'। ଏହାବ୍ୟତୀତ ସେ 'ଧୋବି ଘାଟ', 'ରକ୍‌ଷ୍ଟାର', 'ଲଣ୍ଡନ, ପ୍ୟାରିସ୍, ନ୍ୟୁୟର୍କ', 'ମର୍ଡର ୩', 'ବସ୍', 'ଖୁବସୁରତ' ଏବଂ 'ଗୁଡ୍ଡୁ ରଙ୍ଗୀଲା' ଆଦି ହିନ୍ଦୀ ସିନେମାରେ ଅଭିନୟ କରିଛନ୍ତି।

# ପ୍ରଥମେ ରାଣୀ ପରେ ତବୁ



ରାଣୀ

ନାମୀ ନିର୍ଦ୍ଦେଶିକା ମୀରା ନାୟାର ୨୦୦୬ରେ ନିର୍ମାଣ କରିଥିଲେ 'ନେମସେକ୍'। ଏହି ଫିଲ୍ମର କାଷ୍ଟିଂ ବିଷୟରେ ଆଲୋଚନା ସମୟରେ ସେ ପ୍ରଥମେ ରାଣୀ ମୁଖାର୍ଜୀଙ୍କୁ ଚଏସ କରିଥିଲେ। ବିଳମ୍ବ ନ କରି ତାଙ୍କ ସହ ଯୋଗାଯୋଗ ବି କରାଯାଇଥିଲା। ହେଲେ ସେତେବେଳେ ରାଣୀ କରନ୍ ଜୋହରଙ୍କ 'କଭି ଅଲବିଦା ନା କହେନା'ର ଶୁଟିଂ ପାଇଁ ପ୍ରସ୍ତୁତ ହେଉଥିଲେ। ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେ ନମ୍ରତାର ସହ ମନା କରିଦେଇଥିଲେ। ଏ ନେଇ ରାଣୀ କହନ୍ତି, 'ମୀରା ନାୟାରଙ୍କ ପରି ନିର୍ଦ୍ଦେଶିକାଙ୍କ ସହ କାମ କରିବାକୁ କିଏ ବା ନ ଚାହେଁ ? ହେଲେ ସେତେବେଳେ ମୁଁ ଦୋଛକିରେ ପଡିଯାଇଥିଲି। କରନଙ୍କ 'କଭି ଅଲବିଦା ନା କହେନା'ର ଶୁଟିଂ ଆରମ୍ଭ ହେବାକୁ ଥାଏ। ତେଣୁ ଏହି ନୂଆ ସିନେମା ପାଇଁ ମୁଁ ଡେଟ୍ ଦେଇପାରି ନ ଥାନ୍ତି। ତେଣୁ ଏଭଳି ଅଫରକୁ ମୁଁ ହାତଛଡା କରିଥିଲି। ପରବର୍ତ୍ତୀ ସମୟରେ ଏହି ରୋଲ୍ ପାଇଁ ତବୁଙ୍କୁ ସାଇନ୍ କରାଯାଇଥିଲା।' ଯଦି ରାଣୀ ସେତେବେଳେ ରାଜି ହୋଇଥାଆନ୍ତେ, ତେବେ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏହା ଆଉ ଏକ ସଫଳ ଫିଲ୍ମ ଭାବରେ ପରିଗଣିତ ହୋଇଥାଆନ୍ତା।

# ହିଟ୍‌ଲର



ଦୀପକ

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟ୍‌ଲର'। ନିକଟରେ ଏହାର ପୋଷ୍ଟର ସହ ଫାଷ୍ଟ ଲୁକ୍ ମଧ୍ୟ ଲୋକାର୍ପିତ ହୋଇଛି। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଚଳିତ ବର୍ଷ ଜୁନ୍‌ରେ ରିଲିଜ ହେବାକୁ ଥିବା 'ହିଟ୍‌ଲର' ଫିଲ୍ମଟି ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଏହାର ପ୍ରଯୋଜକ। ଉକ୍ତ ସିନେମାର ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ।

## ପ୍ରଥମ ରୋଜଗାର



ସାହିତ୍ୟିକା **ବନ୍ଦିତା ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ପାରିଶ୍ରମିକ ବହିକିଣା, ଜଳଖିଆ ଓ ବଣ୍ଟାବଣ୍ଟିରେ ସରିଥିଲା

ପ୍ରଥମ ହେବା ଅନୁଭବ ସତରେ ନିଆରା । ସତରେ ପୁଲକିତ କରେ ତନୁମନ । ଯେକୌଣସି କାମର ପ୍ରଥମ ମୁହୂର୍ତ୍ତ ମନେ ରହେ ଆଜୀବନ । ଅନାଦି ସାର୍ ମନେପଡ଼ନ୍ତି ତାଙ୍କ କହିବା ଶୈଳୀ ପାଇଁ । ସେ ଥରେ ଶୀର୍ଷକ ବିହୀନ ଗପ ଶୁଣେଇ ଆମକୁ ଶୀର୍ଷକଟିଏ ବାଛି ଦେବାକୁ କହିଲେ ଓ ପ୍ରତି ବଦଳରେ କିଛି ପୁରସ୍କାର ଦେବାକୁ ରଖିଲେ । ଡରିଡରି ଯାହା ଉତ୍ତର ଦେଇଥିଲି ସେଥିରୁ ଜାଣିଥିଲି ପରିଶ୍ରମର ମୂଲ୍ୟକୁ ହିଁ ପାରିଶ୍ରମିକ ବା ରୋଜଗାର କୁହାଯାଏ । ପ୍ରତିଦିନ କିଛି କାମ ଓ ମାସ ଶେଷରେ ଏକ ସୁନ୍ଦର ଅଙ୍କର ଅର୍ଥ ହେଉଛି ରୋଜଗାର । ମୁଁ ସ୍ୱପ୍ନ ଦେଖିଥିଲି ପିଲାବେଳୁ ଯାକୁ ନେଇ । କିନ୍ତୁ, ପୂରଣ କେଉଁଠି ହେଲା ଯେ... !

କେବେ କେମିତି ପାଠପଢ଼ା ସମୟରେ ଡ୍ରାମା କରିବାବେଳେ କେହିକେହି ଶୁଭେଚ୍ଛୁ କି ଦର୍ଶକ କିଛି ଟଙ୍କା ଦେଉଥିଲେ, ସେଇଟା କ'ଣ ରୋଜଗାର.... ନା ପୁରସ୍କାର.. । ମନରେ ବାରମ୍ବାର ଆସେ ଦ୍ୱନ୍ଦ.. । କାହାକୁ ମଣିବି ରୋଜଗାର... ! ପ୍ରତିଦିନ ଏମିତି କ'ଣ କଲି ଯେ ସକ୍ଷମ ହେଲି ରୋଜଗାର ପାଇଁ... ! ଏସବୁ ମନ ଭିତରେ ଘାଣ୍ଟି ଚକଟି ହୁଏ... ଲେଖିବାକୁ ମନ ବଳେନି ଆଉ ।

କଲେଜ ପଢ଼ା ସମୟରେ ଡେଣା ଲାଗେ ମନରେ । ପହଁରିଯାଏ ସାରା ସହର ଆଖିରେ ଆଖିରେ... । ଭାସୁଥାଏ କାଉଁରୀ ସ୍ୱପ୍ନର ଉତ୍ତାଳ ଲହରୀରେ । ସହସ୍ର ସ୍ମୃତିର ଶୀତଳ ମନୁମେଣ୍ଟ କହେ ମୁଁ ରେଭେନ୍ସାକୁ । ଦିନେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର କିଛି ପିଲାଙ୍କୁ ସାର୍‌ମାନେ ବାଛି ରେଡିଓ ଷ୍ଟେଶନକୁ ପଠେଇବେ ବୋଲି କହିଲେ ଯୁବବାଣୀ ବିଭାଗରେ ଯୋଗଦେବାକୁ । ଅନେକ ପଢାପଢି, ଲେଖାଲେଖି, ପ୍ରଶ୍ନ ଉତ୍ତର ପରେ ନିର୍ଦ୍ଧିଷ୍ଟ ଦିନ ଆସିଲା । ଦଳେ ଥିଲୁ ଆମେ । ସମସ୍ତେ ଭାଗ ନନେଇବି ଯାଇଥିଲେ ସାଙ୍ଗଦେବାକୁ । କବିତା ପାଠ, ସମୂହ ଆଲୋଚନା, ବହୁତ ସୁନ୍ଦର ଅନୁଭବ... ନିଜ ସ୍ୱରର ଲୋଭ... ମିଠା ଆକଟ ସବୁ ମିଶି ଢେର ଅଭିଜ୍ଞତା ସାଉଁଟି ହୋଇଗଲା । ଅନୁରୋଧର ଚିଠି ଲେଖି ଜଣାଇଥିଲି ଶୁଣିବାକୁ ନିର୍ଦ୍ଧିଷ୍ଟ ତାରିଖରେ ପ୍ରସାରିତ ହେବାକୁ ଥିବା ଆମ ପ୍ରୋଗ୍ରାମକୁ... ସାର୍‌ମାନେ ପଚାରିନେଲେ କେମିତି ଥିଲା ସବୁ... ସବୁ ମିଶି ମନ ଉଡୁଥିଲା ଆକାଶରେ, ସମ୍ଭାବନାର ଦିଗଦିଗନ୍ତ ଫର୍ଚ୍ଚା ହେଉଥିଲା ସେବେଳାରେ... । ମିଳିଥିବା ଟଙ୍କା ସମାନ ଆକାରରେ ଭାଗ ହେଲାପରେ ରିକ୍ସା ଭଡ଼ା ଯାଇ ବି ଢେର ଲାଗିଲା । ମଣି ନାନୀ, ଉଲ୍ଲାସ ମାଉସୀଙ୍କୁ ପାଞ୍ଚ ଟଙ୍କା ଲେଖାଏଁ ଦେଇଥିଲି । ସେତେବେଳେ ଆମ ହଷ୍ଟେଲ କ୍ୟାଣ୍ଟିନରେ ଟଙ୍କାରେ ପାଞ୍ଚଟା ଇଡ୍‌ଲି, ଚାରିଟା ବରା ମିଳୁଥିଲା । ଦୋସା ନେଉଥିଲା ସତୁରୀ କି ଅଶି ପଇସା... । କୋଡ଼ିଏ ନମ୍ବର ରୁମର ସାଙ୍ଗମାନେ ବିଚାର କଲୁ ଏ ଟଙ୍କାକୁ ଖର୍ଚ୍ଚ କେମିତି କରିବୁ । ବହି କିଣିବାକୁ ବାଲୁବଜାର ଗଲେ ଆମେ ରେଭେନ୍ସା କଲେଜରୁ ଆସିଚୁ ଜାଣି ଆମକୁ ଢେର ସ୍ନେହ ଆଦର ଦେଇ ଖୁବ୍ କମ୍ ଟଙ୍କାରେ ଓଡ଼ିଆ ବହି ଦେଉଥିଲେ ସେତେବେଳେ । କିଛିକିଛି ବହି ଖାଲିରେ ବି ଦେଉଥିଲେ । ମନବ୍ୟାଗ୍ ଭର୍ତ୍ତି ହୋଇଯାଉଥିଲା ବହି ଓ ସ୍ନେହ ଆଦରରେ । ଶେଷରେ ପ୍ରଥମ ପାଇଥିବା ଏ ଟଙ୍କା ବହି କିଣା, ଜଳଖିଆ ଓ ବଣ୍ଟାବଣ୍ଟିରେ ସରିଲା ମାତ୍ର ରେଡ଼ିଓ ଷ୍ଟେଶନ ବାରିପଦା ଓ ରାଉରକେଲା ସହିତ ପୁଲକିତ ସମ୍ପର୍କ ଯୋଡ଼ି ହୋଇଗଲା ।

# ଟିକିଏ ମିଠାକୁ ଟିକିଏ ଖଟା, ସହଜେ ଛାଡ଼େନା ପ୍ରେମର ଛିଟା

ସାଥୀ



**ପ୍ରଶ୍ନ**–ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଛାଡି ନ ଥାଏ । ଏପରି କାହିଁକି ହୁଏ ?

*–ବିପ୍ଳବ ସାହୁ, ବଲାଙ୍ଗୀର*

**ଉତ୍ତର:** ପ୍ରେମ ନିଶା ଯେତେବେଳେ ମୁଣ୍ଡକୁ ଚଢ଼େ ସେତେବେଳେ ମନ ଖାଲି ରଙ୍ଗୀନ ଦୁନିଆରେ ଉଡି ବୁଲୁଥାଏ । ଚାରିଆଡ଼େ କେବଳ ପ୍ରେମ ହିଁ ପ୍ରେମ । ଆଖି ଖୋଲିଲେ ପ୍ରେମ, ଆଖି ବୁଜିଲେ ପ୍ରେମ । କାରଣ 'ଟିକିଏ ମିଠାକୁ ଟିକିଏ ଖଟା, ସହଜେ ଛାଡ଼େନା ପ୍ରେମର ଛିଟା' । ତେଣୁ ଯଦି ପ୍ରେମ କରୁଛନ୍ତି ତେବେ କାହାକୁ ତ ମନା କରିହେବ ନାହିଁ । କିନ୍ତୁ ଏହି ସମୟରେ ନିଜ ମନର ବେଗକୁ ନିୟନ୍ତ୍ରଣରେ ରଖିବାକୁ ପଡିବ । ନ ହେଲେ କେତେବେଳେ ଏହି ବିଶାଳ ଦୁନିଆରେ ଯେ ବାଟବଣା ହୋଇଯିବେ ତାହା କେବେ କଳ୍ପନା କରିପାରିବେ ନାହିଁ ।

**ପ୍ରଶ୍ନ**–ପ୍ରଥମ ଇସାରାରେ ଜଣେ ସୁନ୍ଦରୀ ମୋ ମନରେ ଘର କରିଥିଲା । ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି । ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ । ମୋତେ କିଛି ଉପାୟ ବତାନ୍ତୁ ?

*–ବିମଳ କୁମାର, ପୁରୀ*

**ଉତ୍ତର:** ଅଭିମାନରେ ବେଳେବେଳେ ପ୍ରେମର ଅସଲ ମଜା ଲୁଚି ରହିଥାଏ । କିନ୍ତୁ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ । ପ୍ରିୟାର ଅଭିମାନ ଭସା ବାଦଲ ପରି । ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ । ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନ୍‌ସନ୍ ନିଅନ୍ତୁ ନାହିଁ । ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ । ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି । ହେଲେ ମୁଁ ବାହା ହେବା ପରେ ମୋର ଆଉ ଜଣେ ପୂର୍ବତନ ପ୍ରେମିକା ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି । ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ସମର କୁମାର, ତାଳଚେର*

**ଉତ୍ତର:** ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ । କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ । ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ । ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି । ମୋତେ ଜଣେ ଝିଅ ଦେଖି ଲାଜ କରୁଛି । ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ସୁନୀଲ, ବ୍ରହ୍ମପୁର*

**ଉତ୍ତର:** ସେହି ସୁନ୍ଦରୀର ଲାଜୁଆ ଚାହାଣୀ ଆପଣଙ୍କୁ ମତୁଆଲା କରିଛି । ହେଲେ ସେହି ଲାଜରେ ପ୍ରେମ ଅଛି କି ନାହିଁ, ତାହା ଜାଣିପାରୁନାହାନ୍ତି । ଏହି ସମୟରେ ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ । ବେଳେବେଳେ ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତା ହୋଇ ରହିଥାଏ । ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ । ଯଦି କିଛି ସୂରାକ ପାଇଗଲେ ତେବେ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ । ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ । ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ ।

# କୁଲ୍ ସମର୍ ଲୁକ୍





ଖରାଦିନେ ସୂର୍ଯ୍ୟଙ୍କର ପ୍ରଖର କିରଣ ସାଙ୍ଗକୁ ଝାଞ୍ଜି ପବନ ଭାରି କଷ୍ଟ ଦେଇଥାଏ। ତା'ସାଙ୍ଗକୁ ବେଳେବେଳେ ଦେହରୁ ବାହାରୁଥିବା ଝାଳ ବି ମେକ୍ଅପ୍‌କୁ ଖରାପ କରିଦିଏ ; ଫଳରେ ଯୁବତୀଙ୍କୁ ଏଦିନେ ମନମୁତାବକ ଷ୍ଟାଇଲ୍ କରିବାକୁ ବହୁତ ଅସୁବିଧା ହୁଏ। ତେଣୁ ଖରାଦିନେ କେଉଁଭଳି ପୋଷାକ ପରିଧାନ କରିବା ସହ କିଭଳି ମେକ୍ଅପ୍ ନେଲେ ଗରମରୁ ମୁକ୍ତି ମିଳିବା ସହ କୁଲ୍ ସମର୍ ଲୁକ୍ ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...



* ଖରାଦିନେ ମହିଳାମାନେ ନିଜ ୱାଡ୍‌ରୋବ୍‌ରେ ଧଳାରଙ୍ଗର ଆଉଟ୍‌ଫିଟ୍ ଯେମିତିକି ଧଳାରଙ୍ଗର ଶାର୍ଟ, ମ୍ୟାକ୍ସି ଡ୍ରେସ୍, ଲକ୍ଷ୍ନୌସୁଟ୍, ଅନାରକଲି, ଶାଢ଼ି, ଶର୍ଟ୍ସ, ପେନ୍‌ସିଲ୍ ସ୍କର୍ଟ ଆଦି ରଖନ୍ତୁ। ଏସବୁକୁ ପିନ୍ଧିଲେ କମ୍ଫର୍ଟେବଲ ଲାଗିବା ସହ କୁଲ୍ ଲୁକ୍ ମିଳିଥାଏ।
* ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କମ୍ବିନେଶନ ବି ଖରାଦିନେ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଖାସ୍‌କରି ବ୍ଲାକ୍ କଲର୍‌ର ଜିନ୍ସ ସହ ହ୍ୱାଇଟ୍ କଲର୍‌ର ଶାର୍ଟ କିମ୍ବା ହ୍ୱାଇଟ୍ କଲର୍‌ର ଡ୍ରେସ୍ ଉପରେ ବ୍ଲାକ୍ କଲର୍‌ର ପୋଲ୍‌କା ପ୍ରିଣ୍ଟ ଥିବା ଆଉଟ୍‌ଫିଟ୍ ବି ବେଶ୍ ଟ୍ରେଣ୍ଡି ଲାଗିଥାଏ।
* ଯୁବତୀ ଚାହିଁଲେ ଧଳା ସାଙ୍ଗରେ ହାଲୁକା ଗୋଲାପୀ, ହଳଦିଆ, କମଳା, ଲାଭେଣ୍ଡର୍ କିମ୍ବା ଅଲିଭ୍ ଗ୍ରୀନ୍ କଲର୍‌ର କମ୍ବିନେଶନ ଥିବା ଯେକୌଣସି ଆଉଟ୍‌ଫିଟ୍‌କୁ ମଧ୍ୟ ଟ୍ରାଏ କରି ଆକର୍ଷଣୀୟ ସମର୍ ଲୁକ୍ ପାଇପାରିବେ।
* ଖରାଦିନେ ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ବି କୁଲ୍ ଲୁକ୍ ଦେଇଥାଏ। ଚେକ୍, ଷ୍ଟ୍ରାଇପ୍, ଜ୍ୟାମେଟ୍ରିକ୍ ପ୍ରିଣ୍ଟର ଆଉଟ୍‌ଫିଟ୍‌କୁ ବି ଏହିଦିନେ ଟ୍ରାଏ କରାଯାଇପାରେ।
* ସେହିପରି ଖରାଦିନେ ଟାଇଟ୍ ଫିଟିଙ୍ଗ୍ ଡ୍ରେସ୍ ନ ପିନ୍ଧି ଟିକେ ଢିଲା ପୋଷାକ ପିନ୍ଧିଲେ ଆରାମ ଲାଗିଥାଏ। ବିଶେଷକରି କଟନ୍ ଫ୍ୟାବ୍ରିକ୍‌ର ଟି-ଶାର୍ଟ, ପ୍ଲାଜୋ, ଲେଗିଙ୍ଗ୍ସ ସହ ଲଙ୍ଗ୍ କୁର୍ତ୍ତି, ନି-ଲେଙ୍ଗ୍‌ଥ ଫ୍ରକ୍, ସାଲୱାର୍ ସୁଟ୍, ଆସିମେଟ୍ରିକ୍ ଟପ୍ସ ତଥା ଶାଢ଼ି ଇତ୍ୟାଦି ଏହିଦିନେ ପିନ୍ଧିଲେ ବେଶ୍ କମ୍ଫର୍ଟେବଲ ଲାଗେ।
* ଖରାଦିନେ ଇଭନିଂ ପାର୍ଟିକୁ ଯିବାକୁ ଥିଲେ ସିଫନ୍, ଜର୍ଜେଟ କିମ୍ବା ର' ସିଲ୍କର ୱାନ୍ ସୋଲ୍ଡର ଅବା ଅଫ୍ ସୋଲ୍ଡରବାଲା ଯେ କୌଣସି ଶର୍ଟ ଡ୍ରେସ୍ କିମ୍ବା ମ୍ୟାକ୍ସି ଡ୍ରେସ୍ ପିନ୍ଧି ପାରିବେ। ଏହା ପିନ୍ଧିବାକୁ କମ୍ଫର୍ଟେବଲ୍ ଲାଗିବା ସହ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।
* ତା'ଛଡ଼ା ଏହି ସିଜନ୍‌ରେ ହେଉଥିବା ପାର୍ଟି, ଫଙ୍କ୍‌ଶନ୍ ପାଇଁ ଗୋଲ୍ଡେନ୍ କିମ୍ବା ସିଲ୍‌ଭର୍ କଲର୍‌ର ପାର୍ଟି ୱେର୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଏପରିକି ଅଲିଭ୍ ଗ୍ରୀନ୍, ପିଙ୍କ୍ କିମ୍ବା ପିଚ୍ କଲର୍‌ର ଅନାରକଲି, ଲେହେଙ୍ଗା-ଚୋଲି, ଟ୍ରାଡିଶନାଲ୍ ଗାଉନ୍ ଅଥବା ଶାଢ଼ି ବି ଖରାଦିନିଆ ଫଙ୍କ୍‌ଶନ୍ ପାଇଁ ବେଷ୍ଟ ଅପ୍ସନ ହୋଇପାରେ।
* ଗ୍ଲାମରସ୍ ଲୁକ୍ ପାଇଁ ଯୁବତୀ ଚାହିଁଲେ ଖରାଦିନେ ଶିୟର୍ ବା ଟ୍ରାନ୍ସପାରେଣ୍ଟ ଡ୍ରେସ୍ ବି ଟ୍ରାଏ କରିପାରିବେ। କିନ୍ତୁ ଏହି ଆଉଟ୍‌ଫିଟ୍ ସ୍ଲିମ୍‌ଟ୍ରିମ୍ ଫିଗର୍‌କୁ ବେଶ୍ ଭଲ ମାନିଥାଏ।
* ଏହିଦିନେ ଅଧିକ ଗର୍ଜିୟସ୍ ଦେଖାଯାଉଥିବା କିମ୍ବା ହେଭି ଏମ୍ବ୍ରୋଏଡୋରି, ଷ୍ଟୋନ୍, ଚୁମ୍‌କି ଅଥବା ମିରର୍ କାମ ହୋଇଥିବା ଆଉଟ୍‌ଫିଟ୍ ବଦଳରେ ଯଦି ଗୋଲ୍ଡେନ୍, ସିଲଭର୍ କିମ୍ବା କୌଣସି ହାଲୁକା ରଙ୍ଗର ସିମ୍ପଲ୍ ଆଉଟ୍‌ଫିଟ୍‌କୁ ପିନ୍ଧାଯାଏ ତା'ହେଲେ ଆରାମରେ କୁଲ୍ ଲୁକ୍ ମିଳିଥାଏ।
* ଖରାଦିନେ ଯେତେ ଲାଇଟ୍ ମେକ୍ଅପ୍ ନେବେ ସେତେ ଭଲ। ଝାଳ ପାଇଁ ୱାଟର୍ ପ୍ରୁଫ୍ ମେକ୍ଅପ୍ ତ ଏକ ବେଷ୍ଟ ସଲ୍ୟୁସନ୍ ହୋଇଥାଏ।









## ମଡେଲ୍ ମିରର୍

**ପ୍ରୀତି**



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ଚାପୁଡ଼ା

ସ୍ତ୍ରୀ ହଠାତ୍ ସ୍ୱାମୀଙ୍କ ଗାଲକୁ ଏକ ଚାପୁଡ଼ା ମାରିଲେ।
ସ୍ୱାମୀ(ହଡବଡ଼େଇ ଯାଇ)– ମତେ ମାରିଲ କହିଁକି? ମୋର ଦୋଷ କ'ଣ?
ସ୍ତ୍ରୀ–ତୁମ ଗାଲରେ ଗୋଟେ ମଶା ବସିଥିଲା। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଆଉ କେହି ତୁମର ରକ୍ତ ଶୋଷୁ ତାହା ମୁଁ ସହି ପାରିବିନି।

### ଇଂଲିଶ

ରାଜେଶ ଝିଅ ଦେଖିବାକୁ ଯାଇଥାଏ। ଭାବିଲା ଇଂଲିଶରେ କଥା ହେବ। ତେଣୁ ଝିଅକୁ: ଇଂଲିଶ ଚଳିବ ତ?
ଝିଅ: ଭଲ ଚାଖଣା ଥିଲେ ଦେଶୀ ବି ଚଳିବ।

### ଦିଦି

କଲେଜକୁ ନୂଆ ଆସିଥିବା ଜଣେ ଝିଅକୁ
ଯୁବକ– ତୁମ ନାମ କ'ଣ?
ଝିଅ– ମତେ ସମସ୍ତେ ଦିଦି ଡାକନ୍ତି।
ଯୁବକ– ଆରେ ବାଃ କି ସଂଯୋଗ, ମତେ ତ ସମସ୍ତେ ଜିଜୁ ଡାକନ୍ତି।






# ସବୁଜ ଗାଁ
# ଖୋନୋମା


**ଭାରତର ପ୍ରଥମ ସବୁଜ ଗାଁ ଭାବେ ଖୋନୋମା ବେଶ୍ ଲୋକପ୍ରିୟ। ଏଠାକାର ପ୍ରାକୃତିକ ପରିବେଶ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ସେମିତି ସ୍ଥାନୀୟ ବାସିନ୍ଦାଙ୍କର ଆତିଥିୟତା ହୃଦୟସ୍ପର୍ଶୀ ହୋଇଥାଏ। ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୁଏ...**

ନାଗାଲାଣ୍ଡର ରାଜଧାନୀ କୋହିମାଠାରୁ ମାତ୍ର ୨୦ କି.ମି. ଦୂରରେ ଅବସ୍ଥିତ ଖୋନୋମା ଗାଁକୁ ଭାରତର ପ୍ରଥମ ସବୁଜ ଗାଁ ବୋଲି କୁହାଯାଇଥାଏ। କାରଣ ବର୍ଷସାରା ଏହି ଗାଁର ଯେଉଁ ଆଡକୁ ଚାହିଁବେ ସେଠି କେବଳ ଆପଣଙ୍କୁ ସବୁଜିମା ହିଁ ଦେଖାଯିବ। ପାହାଡ଼, ଜଙ୍ଗଲ ଦ୍ୱାରା ଘେରି ହୋଇ ରହିଥିବା ଖୋନୋମା ଗାଁର ଜଳବାୟୁ ବି ଖୁବ୍ ସ୍ୱାସ୍ଥ୍ୟକର ହୋଇଥାଏ। ତେଣୁ ଶାନ୍ତ ପରିବେଶ ଭିତରେ କିଛି ସମୟ ବିତାଇବା ପାଇଁ ଏହି ସ୍ଥାନଟି ଉପଯୁକ୍ତ ହୋଇଥିବାରୁ ଏଠାକୁ ପ୍ରାୟତଃ ପର୍ଯ୍ୟଟକମାନେ ବୁଲିଆସିଥାନ୍ତି।

### ଗାଁର ବିଶେଷତ୍ୱ

ଏହି ଗାଁ କୁଆଡେ ୭୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ବୋଲି ସ୍ଥାନୀୟ ଲୋକଙ୍କର ମତ ରହିଛି। ସୂଚନାନୁଯାୟୀ, ପ୍ରାୟ ୧୨୩ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଖୋନୋମା ଗାଁରେ ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କରିଥାନ୍ତି। ଆଉ ସେମାନେ ଗଡ଼ାଣିଆ ପାହାଡ଼ରେ ଖୁବ୍ ସୁନ୍ଦର ଭାବେ ଲଗାଲଗି ଭାବେ ଘର ତିଆରି କରି ସେଥିରେ ରହିଥାନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା କରାଯାଉଥିବା ଟେରାସ୍ ଫାର୍ମିଂ ବା ପାହାଡ଼ରେ ଥାକ ଥାକ ହୋଇ ଚାଷ କରିବାର ଶୈଳୀ ବି ଏହି ଗାଁକୁ ଭିନ୍ନ ଏକ ପରିଚୟ ଦେଇଥାଏ।





### କ'ଣ ରହିଛି ଏହି ଗାଁରେ

ଖୋନୋମା ଗାଁକୁ ଘେରି ରହିଥିବା ପାହାଡ଼ ଜଙ୍ଗଲରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଉଦ୍ଭିଦ ଦେଖାଯାଇଥାଏ। ତନ୍ମଧ୍ୟରୁ ପ୍ରାୟ ୭୦ ପ୍ରଜାତି ହେଉଛି କେବଳ ଔଷଧୀୟ ଉଦ୍ଭିଦ। ସେହିପରି ପ୍ରାୟ ୮୪ ପ୍ରକାରର ବଣୁଆ ଫଳ, ପ୍ରାୟ ୧୧୬ ପ୍ରକାରର ବନ୍ୟ ପନିପରିବା, ପ୍ରାୟ ୯ ପ୍ରକାରର ଛତୁ ଏବଂ ପ୍ରାୟ ୫ ପ୍ରକାରର ରଞ୍ଜକ ଦ୍ରବ୍ୟ ଇତ୍ୟାଦି ସ୍ଥାନୀୟ ଜଙ୍ଗଲରୁ ମିଳିଥାଏ ବୋଲି ସୂଚନା ରହିଛି। ଏସବୁ ବ୍ୟତୀତ ଏଠାରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ବିଭିନ୍ନ ବନ୍ୟଜନ୍ତୁ, ସ୍ତନ୍ୟପାୟୀ ପ୍ରାଣୀ ଏବଂ ପକ୍ଷୀ ବି ଦେଖିବାକୁ ମିଳିଥାଏ।




### ଜାଣିବା କଥା

କୁହାଯାଏ, ଖୋନୋମା ଗାଁରେ ଗଛ କାଟିବା ଏବଂ ପଶୁପକ୍ଷୀ ଶିକାରକୁ ନେଇ କିଛିଟା କଡ଼ାକଡ଼ି ନିୟମ ରହିଛି। ତେଣୁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ। ବିଶେଷକରି ଏହି ସ୍ଥାନକୁ ବୁଲିଯିବା ପୂର୍ବରୁ ପ୍ରବେଶ ଅନୁମତି ବି ନେଇଯିବା ଉଚିତ୍ ହେବ।

### କେବେ ଯିବେ

ଜଙ୍ଗଲ, ପାହାଡ଼ ପରିବେଷ୍ଟିତ ଏହି ଗାଁର ପ୍ରାକୃତିକ ପରିବେଶ ବର୍ଷସାରା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେଣୁ ଏଠାକୁ ବର୍ଷର ଯେ କୌଣସି ସମୟରେ ବୁଲିଯାଇ ହେବ। କିନ୍ତୁ ଶୀତଦିନେ ଏଠାରେ ଟିକେ ଅଧିକ ଶୀତ ଅନୁଭୂତ ହେଉଥିବାରୁ ସେହି ସମୟରେ ଶୀତବସ୍ତ୍ର ନେଇ ଏଠାକୁ ଗଲେ ଆଉ କିଛି ଅସୁବିଧା ହୁଏ ନାହିଁ।

### କେମିତି ଯିବେ

ଗମନାଗମନର ବି ବେଶ୍ ଭଲ ବ୍ୟବସ୍ଥା ରହିଛି ଏଠାରେ। ଦିମାପୁର ହେଉଛି ଏହାର ନିକଟତମ ବିମାନବନ୍ଦର। ଦେଶର ବିଭିନ୍ନ ସ୍ଥାନ ବିଶେଷକରି କୋଲ୍‌କାତାରୁ ନିୟମିତ ବ୍ୟବଧାନରେ ଦିମାପୁର ବିମାନବନ୍ଦରକୁ ବିମାନ ଚଳାଚଳ କରିଥାଏ। ସେହିପରି ଦିମାପୁରରୁ ମାତ୍ର ତିନି ଘଣ୍ଟାର ରାସ୍ତା ହେଉଛି କୋହିମା। ଟ୍ୟାକ୍ସି କିମ୍ବା ଷ୍ଟେଟ୍ ବସ୍‌ରେ ଏଠାକୁ ଯିବାର ସୁବିଧା ରହିଛି। ତା'ଛଡ଼ା ଦିମାପୁରରେ ବି ଏକ ରେଳଷ୍ଟେଶନ ଅଛି। ଏହାବାଦ୍ ସଡ଼କ ପଥରେ ବି ଖୋନୋମାକୁ ଯିବାର ସୁବିଧା ରହିଛି।



# ତାରା ଟିମ୍‌ଟିମ୍ ହୁଏ କାହିଁକି?

ରାତିର କାଳିମା ଭିତରେ ଟିମ୍ ଟିମ୍ କରୁଥିବା ତାରାର ଦୃଶ୍ୟ କାହାକୁ ବା ଭଲ ନ ଲାଗେ ? ହେଲେ କେବେ ଭାବିଛନ୍ତି ଏଇ ତାରାସବୁ ଟିମ୍ ଟିମ୍ ହେବାପରି କାହିଁକି ଦେଖା ଯାଆନ୍ତି ?





ତାରା ସବୁବେଳେ ମଣିଷକୁ ଆକର୍ଷିତ କରି ଆସିଛି। ପିଲାଠୁ ବୁଢା ପର୍ଯ୍ୟନ୍ତ ଏହା ସମସ୍ତଙ୍କ ପାଇଁ କୌତୁହଳର ବିଷୟ। ରାତିର କାଳିମା ଭିତରେ ଟିମ୍ ଟିମ୍ କରୁଥିବା ତାରାର ଦୃଶ୍ୟ କାହାକୁ ବା ଭଲ ନ ଲାଗେ ? ହେଲେ କେବେ ଭାବିଛନ୍ତି ଏଇ ତାରାସବୁ ଟିମ୍ ଟିମ୍ ହେବାପରି କାହିଁକି ଦେଖା ଯାଆନ୍ତି ?

ତାରା ଟିମ୍ ଟିମ୍ ହେବା ପଛର କାରଣ ହେଉଛି ଆମର ବାୟୁମଣ୍ଡଳ, ଯାହାକି ନାଇଟ୍ରୋଜେନ, ଅକ୍ସିଜେନ୍ ପରି ଅନେକ ଗ୍ୟାସ୍‌ର ମିଶ୍ରଣରେ ତିଆରି। ଏହି ବାୟୁମଣ୍ଡଳ ଆମକୁ ସୁରକ୍ଷା ଦେଉଥିବା କମ୍ବଳ ପରି କାମ କରେ, ପୃଥିବୀର ତାପମାତ୍ରାକୁ ନିୟନ୍ତ୍ରଣରେ ବି ରଖେ। ଯେମିତିକି ଅଧିକ ଗରମ କି ଅଧିକ ଶୀତ ଅନୁଭୂତ ନ ହୁଏ। ତା'ସହ ଅନ୍ତରୀକ୍ଷରୁ ଆସୁଥିବା ହାନିକାରକ ବିକିରଣରୁ ଆମକୁ ରକ୍ଷା କରେ, ଅନ୍ତରୀକ୍ଷରୁ ଆସୁଥିବା ଆବର୍ଜନାକୁ ବି ଜଳାଇ ପାଉଁସ କରିଦିଏ। ତେବେ ଏହି ବାୟୁମଣ୍ଡଳ ଆମକୁ ଅନ୍ତରୀକ୍ଷର ଜିନିଷକୁ ସ୍ପଷ୍ଟ ଦେଖିବାରେ ବାଧା ଉପୁଜାଇବାର ବି କାମ କରିଥାଏ। ଏହା ଅନ୍ତରୀକ୍ଷରୁ ଆସୁଥିବା ପ୍ରକାଶକୁ ବିକୃତ କରିଥାଏ ଫଳରେ ଅନ୍ତରୀକ୍ଷର ଅନେକ ଜିନିଷ ଆମେ ସ୍ପଷ୍ଟ ଦେଖିପାରି ନ ଥାଉ। ସେଥିପାଇଁ ଆମକୁ ଟେଲିସ୍କୋପ ଆବଶ୍ୟକ ହୁଏ। ରାତିରେ ଏହି ବାୟୁମଣ୍ଡଳ ଲାଗି ହିଁ ଅନେକ ଖଗୋଳିୟ ପିଣ୍ଡ କେବେ ଦେଖାଯାଏ ତ କେବେ ସ୍ପଷ୍ଟ ଦେଖାଯାଏନି। ବାୟୁମଣ୍ଡଳରେ ଗ୍ୟାସ୍‌ର ବିଭିନ୍ନ ପରସ୍ତ ଥାଏ। ଏହି ପରସ୍ତର ତାପମାତ୍ରା ଓ ବାୟୁର ଘନତ୍ୱ ଭିନ୍ନ ଭିନ୍ନ ହୋଇଥାଏ। ଯେବେ ତାରାଙ୍କ କିରଣ ବାୟୁମଣ୍ଡଳରେ ପ୍ରବେଶ କରେ ଏହି ଗରମ ଓ ଥଣ୍ଡା ବାୟୁର ପରସ୍ତ ଦେଇ ଯିବାକୁ ହୁଏ। ଆଉ ଏହି ପରସ୍ତ ସବୁ ଏକ ବଡ଼ ମୋଟା ଲେନ୍ସର କାମ କରିଥାଏ। ଯାହାଦ୍ୱାରା ପ୍ରକାଶର ପରାବର୍ତ୍ତନର ପ୍ରକ୍ରିୟା ହୋଇଥାଏ ଓ ଆଲୋକର ଦିଗ ବିକୃତ ହୋଇଯାଏ। ତେବେ ଏହି ପରସ୍ତସବୁ ସ୍ଥିର ଲେନ୍ସ ନୁହେଁ ବରଂ ଗତିମାନ ଲେନ୍ସ ପରି କାମ କରିଥାଏ। ଯାହାଦ୍ୱାରା ତାରାମାନଙ୍କର କିରଣ ଟିମ୍ ଟିମ୍ ହେଲାପରି ଦେଖାଯାଏ। ଏହାବାଦ ତାରାଙ୍କ କିରଣ ବହୁ ଦୂରରୁ ଆସିଥାଏ ଫଳରେ ସେଠାରୁ ଆଲୋକ ଏକ ବିନ୍ଦୁରୁ ଆସିବା ପରି ଦେଖାଯାଏ। ଯାହାଦ୍ୱାରା ତାରାର ଟିମ୍ ଟିମ୍ ଅଧିକ ପ୍ରଭାବି ଦେଖାଯାଇଥାଏ।






# ଦ କ୍ୟାନ୍ସର ହବ୍

ଗୁଟଖା, ପାନ ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏକଥା ଜାଣି ମଧ୍ୟ ଲୋକେ ଏହାକୁ ଖାଇଥାନ୍ତି। ଏହାକୁ ଖାଇ ନିଜ ସ୍ୱାସ୍ଥ୍ୟ ଖରାପ କରିବା ସହ ଛେପ ପକାଇ ପରିବେଶକୁ ବି ଦୂଷିତ କରନ୍ତି। ଗୁଟ୍‌ଖା ବିକ୍ରି କରୁଥିବା ଲୋକଙ୍କର ବି କାହାର ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ନ ଥାଏ। ସେମାନେ ତ କେବଳ ବ୍ୟବସାୟ କରନ୍ତି। ଗୁଟ୍‌ଖା ବା କ୍ୟାନ୍ସର ବିକ୍ରି ହେଉଛି ସେମାନଙ୍କ ରୋଜଗାରର ମାଧ୍ୟମ। ତେବେ ସବୁ ଗୁଟ୍‌ଖା ଦୋକାନୀ କିନ୍ତୁ ସମାନ ନୁହନ୍ତି। ଏବେ ଏକ ଗୁଟଖା ଦୋକାନ ବେଶ୍ ଚର୍ଚ୍ଚିତ ଅଛି। ଦୋକାନର ବିଶେଷତ୍ୱ ହେଉଛି ଏହାର ନାମ। ଦୋକାନଟିର ନାମ ହେଉଛି ' ଦ କ୍ୟାନ୍ସର ହବ୍'। ଅର୍ଥାତ୍ ଏଠାରେ କ୍ୟାନ୍ସର ମିଳେ। ଏଇ ନାମରୁ ହିଁ ଜଣାପଡେ ଦୋକାନୀ ଜଣକ ବ୍ୟବସାୟ କରୁଛନ୍ତି ସତ, ହେଲେ ଗ୍ରାହକଙ୍କୁ ଗୁଟ୍‌ଖାର କୁପ୍ରଭାବ ବିଷୟରେ ସତର୍କ ବି କରାଉଛନ୍ତି। ଯେଉଁଥିରୁ ଦୋକାନୀଙ୍କ ମନୋଭାବ କେତେ ଉଚ୍ଚ ଜଣାପଡେ। ରାସ୍ତାକଡରେ ଥିବା ଏହି ଦୋକାନଟିରେ ବିଭିନ୍ନ ପ୍ରକାରର ପାନ ମସଲା, ଗୁଟଖା ପ୍ୟାକେଟ୍ ଟଙ୍ଗା ଯାଇଥିବା ଦେଖିବାକୁ ମିଳେ। ତା'ସହ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଥିବା ଦୋକାନର ନାଁ କ୍ୟାନ୍ସର ହବ୍ ବି ଦେଖିବାକୁ ମିଳେ। ତେଣୁ ଗୁଟ୍‌ଖା କିଣିବାକୁ ଆସୁଥିବା ବ୍ୟକ୍ତି ଏହି ନାଁ ପଢି କିଛିଟା ସଚେତନ ହୋଇପାରିବେ। ଏଇ ଛୋଟିଆ ବ୍ୟବସାୟୀଙ୍କର ଏଭଳି କାର୍ଯ୍ୟ ଅନେକଙ୍କ ମନ ଜିଣିପାରିଛି।



## କଥା ଚାଟ୍

– ଶ୍ରୀମାନ୍ ସର୍ବଗିଳା

# ଅତିଯତ୍ନେ...

ମୋର ଜଣେ ବନ୍ଧୁ କଶ୍ମୀରରୁ ଆସିଲାବେଳେ ମୋତେ ଉପହାର ସ୍ୱରୂପ ଭଲ ସେଓ ଚାରାଟିଏ ଦେଇ କହିଲେ, ଏଇଟା ଆମ ଓଡ଼ିଶା ଜଳବାୟୁରେ ବଞ୍ଚି ବଢ଼ିବ ଓ ଖୁବ୍ ଫଳ ଦେବ । ଆଗରୁ ମୋ ପରିବାରରେ କେହି ସେଓ ଗଛ କେମିତିକା ଦେଖି ନ ଥିବାରୁ ପୁଅ, ବୋହୂ, କନ୍ୟା, ମୋ ପତ୍ନୀ ମିଶି ଗୁଡ଼ାଏ ପର୍ଯ୍ୟବେକ୍ଷଣ, ଆଲୋଚନା, ବିଚାର ବିମର୍ଶ ପରେ ଅତି ଯତ୍ନରେ ବାଡ଼ିରେ ପୋତିଲେ । ମାସେ ପରେ ଦେଖାଗଲା ସେଇ ଗଛଟି ସୁନ୍ଦର ଭାବେ ମରିଯାଇଛି । ସମସ୍ତେ ମିଶି ତା' ମୂଳରେ ଦୁଇ ଓଳି ପାଣିଦେଇ ଏତେ ଖତ ସାର ଦେଇ ଖୁବ୍ ବଳିଷ୍ଠ ଶୀଘ୍ର ବଡ଼ କରିବାକୁ ଏମିତି ଉଦ୍ୟମ କଲେ ଯେ, ବିଚରା ଚାରାଟି ଅତିଯତ୍ନେ ମରଣ ଦଶା ଭୋଗିଲା ।

ଗଲା ପଣାସଂକ୍ରାନ୍ତିରେ ମୋ ପଡ଼ୋଶୀ ଅତି ଯତ୍ନରେ ତୁଳସୀ ଚଉଁରା ସଜେଇ, ଉପରେ ନଡ଼ିଆ ପତ୍ର ଛାମୁଡ଼ିଆକରି ବହୁତ ବହଳିଆ ମିଠାପଣାକୁ ମାଟି ଘଡ଼ିରେ ପୂରେଇ ତୁଳସୀ ଉପରେ ଟାଙ୍ଗି, ତା' ତଳ କଣାକରି ସୁନ୍ଦର ଛନଛନିଆ ଗଛ ମୂଳରେ ଝରେଇଲେ ଯେ, ବିଚରା ବଢ଼ିଆ ପିମ୍ପୁଡି ବେଢ଼ି ଖାଇ, ତୁଳସୀ ଦେବୀଙ୍କୁ ନାରାୟଣ ପ୍ରାପ୍ତ କରେଇଦେଲେ ।

ଆପଣମାନେ କରୋନା କାଳରେ ଖବର ଦେଖିଥିବେ, ଚିକିତ୍ସା ବିଜ୍ଞାନରେ ଆଗୁଆ ଅନେକ ଦେଶରେ ଅତି ଯତ୍ନରେ ସେବା ପାଇ ବି ଅଧିକ ଲୋକଙ୍କ ମରଣ ହେଲା । ଆମ ଦେଶରେ ଅତି ଯତ୍ନରେ ଭଲ ସେବା ପାଇବାକୁ ଯାଇ ଅନେକ ବଡ଼ ଲୋକଙ୍କର ବଡ଼ ବଡ଼ ପ୍ରାଇଭେଟ ହସ୍ପିଟାଲ, ନର୍ସିଂହୋମ୍‌ରେ ଚିକିତ୍ସାରେ ଥାଇ ଆରପୁରକୁ ଟିକେଟ କାଟିଲେ । କରୋନା ଥଣ୍ଡାରୋଗର ବଡ଼ ବୋପା । ସେଥିରେ ଥଣ୍ଡା ମେଶିନ ଲାଗିଥିବା କକ୍ଷରେ ରହି ବୋଧେ ଅଧିକ ଥଣ୍ଡାରେ ଫୁସ୍‌ଫୁସ୍ ଭିତରେ କଫ ଜମାଟ ବାନ୍ଧି, ଶ୍ୱାସ ରୁନ୍ଧି ଶ୍ୱାସ ପ୍ରଶ୍ୱାସ ନ ନେଇପାରି ହୁଏତ ମରଣ ଦଶା ଭୋଗିଲେ । ତା' ଛଡ଼ା ଅନେକ ଜଣାଶୁଣା ଧନୀ ପଦବୀଯୁକ୍ତ ଲୋକେ କରୋନା ଆକ୍ରାନ୍ତ ହୋଇ ଯେବେ ଏମିତି ବଡ଼ ହସ୍ପିଟାଲ ଭିତରେ ପଶନ୍ତି, ସେପଟୁ ବହୁ ପରିଚିତ ପାୱାରଫୁଲ୍ ନେତା, ଅଧିକାରୀଙ୍କର ପଲ୍ଲୀଠୁ ଦିଲ୍ଲୀ ଯାଏ ଘନ ଘନ ଏତେ ଫୋନ ଡାକ୍ତରଙ୍କ ପାଖକୁ ଅତି ଯତ୍ନରେ ଚିକିତ୍ସା କରିବାକୁ ତାଗିଦା ଆସେ ଯେ, ବିଚରା ରୋଗୀ ସେବାରେ ନୁହଁ ବରଂ ଅଧିକ ସମୟ ଫୋନ ସେବାରେ ବ୍ୟସ୍ତ ବିବ୍ରତ ରହିବା, ସେମାନଙ୍କ ମୃତ୍ୟୁର କାରଣ ହୋଇ ନ ପାରେ, ଏକଥା କିଏ କହିବ ! ଏଇଭଳିଆ ଅତି ଯତ୍ନେ ଯମଦ୍ୱାରେ ସହଜରେ ଗମନ ସମ୍ଭବ ହୋଇଥାଏ ।

ବେଳେବେଳେ ଆମପରି ସାଧାରଣ ମଧ୍ୟବିତ୍ତ ଲୋକେ ଦ୍ୱନ୍ଦ୍ୱରେ ପଡ଼ନ୍ତି । ଯଦି ପରିବାର ପ୍ରିୟଜନଙ୍କର ଦେହ ହଠାତ୍ ଖରାପ ହୁଏ, ଅନେକ ହିତାକାଂକ୍ଷୀ ମିଶି ଏମିତି ଉପଦେଶ ଦିଅନ୍ତି ଯେ, ରୋଗୀର ପୁତ୍ର –କନ୍ୟାଦି ଅତି ଯତ୍ନରେ କେଉଁଠି ଉତ୍ତମ ଚିକିତ୍ସା କରେଇବେ, ହଡ଼ବଡ଼େଇ ଯାଆନ୍ତି । ଯଦିଓ ତାଙ୍କ ଭିତରୁ କେହି କେହି ଜାଣିଥାନ୍ତି –ସରକାରୀ ଡାକ୍ତରଖାନାରେ ଅନେକ ଉଚ୍ଚ



ଡିଗ୍ରୀଧାରୀ ସେବକ –ସେବିକା, ଚିକିତ୍ସକ ବିଶେଷଜ୍ଞ ଅଛନ୍ତି, ଯେଉଁଠି ମାଗଣା କିମ୍ବା କମ୍ ଖର୍ଚ୍ଚରେ ରୋଗୀ ଭଲ ହୋଇପାରିବ, ତଥାପି ଉପଦେଷ୍ଟାଙ୍କ କଥା ନ ମାନିଲେ କାଳେ କୃପଣ ଭାବିବେ କିମ୍ବା ସେମାନେ ମନ ଖରାପ କରିବେ, ସେଇ ନ୍ୟାୟରେ ବଡ଼ ବଡ଼ ପ୍ରାଇଭେଟ୍ ହସ୍ପିଟାଲ, ନର୍ସିଂହୋମ୍‌ରେ ଭର୍ତ୍ତି କରିଥାନ୍ତି । ବେଳେବେଳେ ସେଠାର କର୍ମଚାରୀ ବା ଚିକିତ୍ସକ ଛୋଟିଆ ବେମାରକୁ ଏମିତି ବଢ଼େଇ ଚଢ଼େଇ କହିଥାନ୍ତି ଯେ, ରୋଗୀର ନିଜଲୋକଙ୍କ ଛାତିରେ ଛନକା ପଶିଯାଏ । ତେଣୁ ଅତି ଯତ୍ନରେ ସେବା ପାଇବା ଆଶାରେ ତାଙ୍କରି ଭରସାରେ ଛାଡ଼ି ମୋଟା ଟଙ୍କା ଯୋଗାଡ଼ିବାରେ ବ୍ୟସ୍ତ ରହନ୍ତି । ବାହାରେ ସରକାରୀ ସ୍ତରରେ ପରୀକ୍ଷା ନିରୀକ୍ଷା ପାଇଁ ଯେଉଁଠି କମ୍ ଖର୍ଚ୍ଚ ବା ମାଗଣାରେ ହୋଇପାରନ୍ତା, ସେଇଠି ସେଇ ନାଁକରା ହସ୍ପିଟାଲରେ ଢେର ଚଢ଼ାଦାମ୍‌ରେ କରେଇବାକୁ ବାଧ୍ୟ ହୁଅନ୍ତି । ପ୍ରାୟ ପ୍ରତିଦିନ ମୋଟା ଅଙ୍କର ବିଲ୍ ପୈଠ ଅଣନିଃଶ୍ୱାସୀ ହୋଇ ଧୈର୍ଯ୍ୟଧରି ଖର୍ଚ୍ଚକରନ୍ତି, ଯେପର୍ଯ୍ୟନ୍ତ ଆପଣଙ୍କ ସଞ୍ଚିତ ଧନ ଅବା ହାତଉଧାରି ଲୋନ୍ ଉପରେ ଭରସା ଥାଏ । ବେଶ୍ କିଛିଦିନ ଖର୍ଚ୍ଚକରି ନିଃସ୍ୱ ହେଲାପରେ ରୋଗୀ ଭଲହୋଇ ଫେରିଲେ ତ ଭଲ, କିଛି ବାଧିବନି । ମାତ୍ର ଯଦି ରୋଗୀର ମୃତ୍ୟୁ ହୋଇଯାଏ, କିମ୍ବା ଆଉ ଅର୍ଥ ଦେବାରେ ଅସମର୍ଥ ପ୍ରକାଶ କରନ୍ତି, ତେବେ ସେହି ଅସୁସ୍ଥ ଅବା ଡେଡ୍‌ବଡି ନେଇ ଫେରିଲାବେଳେ ମନର ଯେଉଁ ଅବସ୍ଥା, ତାହା ନ କହିଲେ ଭଲ... କହିଲେ ମଲ । ଅନ୍ତର ବେଦନାକୁ କେବଳ ଅନୁଭବୀ ଜାଣନ୍ତି ।

କିଛିଦିନ ତଳେ ଜଣେ ପ୍ରିୟ ଭଉଣୀ, ତାଙ୍କ ପିତାଙ୍କ ପ୍ରାଇଭେଟ ହସ୍ପିଟାଲର ଚିକିତ୍ସା କାହାଣୀ ମୋତେ କହିଲାବେଳେ ଆଖିରୁ ଯେମିତି ଅଶ୍ରୁଧାର ବୋହି କଣ୍ଠ ବାକ୍‌ରୁଦ୍ଧ ହୋଇଯାଉଥିଲା, ମୋର ଶବ୍ଦ ନ ଥିଲା ତାଙ୍କୁ ସାନ୍ତ୍ୱନା ଦେବାକୁ । ଆବଶ୍ୟକ ଥାଉ କି ନ ଥାଉ, ଆଇସିୟୁରେ ଭର୍ତ୍ତିକରି କୋମାଭଳିଆ ଅବସ୍ଥାରେ ରଖି ମୋଟା ଟଙ୍କା ଖର୍ଚ୍ଚ ନ କଲେ ବଞ୍ଚିବା ଆଶା ନ ଥିବା ଶୁଣେଇ ଯେମିତି ଝୁଣି ଚାଲିଥିଲେ, ସେ ସର୍ବସ୍ୱାନ୍ତ ହେବାରୁ ତ୍ରାହି ପାଇବାକୁ ହସ୍ପିଟାଲ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେ । ଅନ୍ୟ ହସ୍ପିଟାଲରୁ ସେ ସୁସ୍ଥ ହୋଇ ଘରକୁ ଗଲେ । ଆଉ ଅଧିକଦିନ ରଖିଥିଲେ କେବଳ ପୈତୃକ ଘର ଖଣ୍ଡିକ ବିକ୍ରିକରି ବିଲ୍ ପୈଠ କରିବାକୁ ପଡ଼ିଥାନ୍ତା । ଯା ହେଉ ଉଭୟେ ବଞ୍ଚିଗଲେ ।

ଏଇଠି କହିରଖେ ସବୁ ପ୍ରାଇଭେଟ ହସ୍ପିଟାଲ କି ନର୍ସିଂହୋମ୍ ସେମିତି ହୋଇ ନ ଥାନ୍ତି । ଅଳ୍ପ ଖର୍ଚ୍ଚରେ ଭଲ ଚିକିତ୍ସା ବି ଯୋଗେଇ ପାରନ୍ତି । ମାତ୍ର ଆଜିକାଲି ଛୋଟ ବଡ଼ ପ୍ରାୟ ସବୁ ସହର ଗଳି କନ୍ଦିରେ ଯେମିତି ପ୍ରକାରେ ଯେତେ ପ୍ରାଇଭେଟ ନର୍ସିଂହୋମ, ହସ୍ପିଟାଲ ଖୋଲୁଛି, ତାକୁ ଚଳେଇ କର୍ମଚାରୀଙ୍କୁ ବେତନଦେଇ ଆପେ ମାଲାମାଲ ହେବାପାଇଁ ଦଲାଲଙ୍କ ଦ୍ୱାରା ରୋଗୀ ଅଣେଇ, ରୋଗୀ ତଥା ତା'ର ପ୍ରିୟଜନଙ୍କୁ ଶୋଷଣ ଯେ କରୁନାହାନ୍ତି, ଏକଥା ଅସ୍ୱୀକାର କରିହେବନି । ବେଳେବେଳେ ଏମିତିଆ ହସ୍ପିଟାଲ ହୋସ୍ ଉଡ଼ା ପିଟା 'ଲ' ପରି ମନେହୁଏ ।

ସହରରେ ସବୁ କିଣା... ଅତି ଯତ୍ନରେ ମରଣ ମାଗଣାରେ ମିଳିଯାଏ । ଯେମିତି ଟ୍ରାଫିକ୍ ନିୟମ ଯେତେ କଲେ ବି, ରାସ୍ତାରେ ଦୁର୍ଘଟଣାରେ ମାଗଣା ମରଣ ବଢ଼ି ଚାଲିଛି । ଅତି ଯତ୍ନରେ ବଡ଼ ବଡ଼ ଶପିଙ୍ଗ୍ ମଲ୍‌ରେ ଚକମକିଆ ବିଜୁଳି ଆଲୁଅ ଜାଳୁ ଜାଳୁ ନିଆଁ ଲାଗି ପାଉଁଶ ହୋଇଯାଉଛି । ଅତି ଯତ୍ନରେ ସୁନ୍ଦର ଯୋଜନାରେ ଅତି ଶିକ୍ଷିତଗଣ ରହିବା ସହରରେ ପ୍ରଦୂଷଣ, ବୃକ୍ଷଛେଦନ, ଗାଡ଼ିଘୋଡା ବଢୁଥିବାରୁ ଅମ୍ଳଜାନ ଅଭାବରୁ ଅଳ୍ପ ଦିନରେ ଜାନ୍ ଯିବା ଅବସ୍ଥା ଉପୁଜିଲାଣି... ଜଲଦି ଯମ ସଦନକୁ ଯିବାର ବାଟ ଫିଟିଲାଣି ।

ଅତି ଯତ୍ନ ଅତି ସ୍ନେହ ଦେଇ କେମିତି ଧୃତରାଷ୍ଟ୍ର ତାଙ୍କ ପ୍ରିୟ ପୁତ୍ରର ମୁହଁ ବଢ଼େଇ, ସିଂହାସନ ସମ୍ପତ୍ତିରେ ଲୋଭାସକ୍ତ କରେଇ ନିଜ କୁଳ ବୁଡ଼େଇ ସର୍ବନାଶ କଲେ... ତାହା ତ ସମସ୍ତେ ଜାଣନ୍ତି । ଏବେ ଅତି ଯତ୍ନ ସ୍ନେହ ଦେଇ ଅନେକେ କେମିତି ପିଲାଙ୍କୁ ଅମଣିଷ କରି ଅବାଟରେ ଚଳେଇ ମରଣ ମୁହଁକୁ ନେଉଛନ୍ତି... ତାହା କାହାକୁ ଅଛପା ନାହିଁ ।

କଥାରେ ଅଛି ଅତି ଗିଳିଲେ ହଗାରେ, ଅତି ବୋଲିଲେ (ତେଲ ) ଲୁଗାରେ ଯାଏ । ତେବେ ଅତି ଯତ୍ନରେ ଆପଣା ଧନ, ଜନ, ଜୀବନ, ଯୌବନ ଜଲ୍‌ଦି ଯମ ଦ୍ୱାରକୁ ନେଉଛି କି ନା... ଥରେ ଥଣ୍ଡା ମୁଣ୍ଡରେ ହେଜୁନାହାନ୍ତି, ବଳେ ଜାଣି ଯିବେନି !

–ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସତ୍ୟାର୍ଥ ଦର୍ପଣ

**ଡ. ସତ୍ୟନାରାୟଣ ମିଶ୍ର, ଭାଷା ପ୍ରକାଶନ**
**ସେକ୍ଟର–୭, ମର୍କତ ନଗର, କଟକ–୧୪**
**ମୂଲ୍ୟ–୨୫୦ଟଙ୍କା**

ସତ୍ୟାର୍ଥ ଦର୍ପଣ ଡ. ସତ୍ୟନାରାୟଣ ମିଶ୍ରଙ୍କ ପ୍ରବନ୍ଧ ପୁସ୍ତକ । ଏଥିରେ ୫୪ଟି ପ୍ରବନ୍ଧ ସ୍ଥାନୀତ ହୋଇଛି । ଈଶ୍ୱରଙ୍କ ସୃଷ୍ଟିରେ ମଣିଷ ହେଉଛି ସର୍ବଶ୍ରେଷ୍ଠ ପ୍ରାଣୀ । ମଣିଷକୁ ଈଶ୍ୱର ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଅନେକ ଜିନିଷ ଉପଭୋଗ କରିବାକୁ ଦେଇଛନ୍ତି କିନ୍ତୁ ତା' ମଧ୍ୟରେ ଏକ ପରିସୀମା ମଧ୍ୟ ରଖିଛନ୍ତି । ହେଲେ ମଣିଷ ଉପଭୋଗ ପାଇଁ ନିଜ କର୍ତ୍ତବ୍ୟକୁ ଭୁଲିଯାଇ ପ୍ରକୃତିକୁ ଅତ୍ୟନ୍ତ




ନିଷ୍ଠୁର ଭାବରେ ବିଦାରିତ କରିଚାଲିଛି । ଭୁଲି ଯାଉଛି ଯେ, ସ୍ୱାଧୀନତାର ଅପବ୍ୟବହାର କଲେ ଦିନେ ନା ଦିନେ ତା'ର ପରିଣାମ ଭୋଗ କରିବାକୁ ପଡ଼ିବ । ତେଣୁ ମଣିଷକୁ ପ୍ରକୃତିଠାରୁ ବହୁତ କିଛି ଶିକ୍ଷା କରିବାର ସମୟ ଆସିଛି । ଏହା ଏକ ସଚେତନତା ମୂଳକ ପୁସ୍ତକ ; ଯାହା ପାଠକଙ୍କ ମନକୁ ଛୁଇଁବ ।

### ସୁଧାମୟୀ ଶାନ୍ତିଦେବୀ

**ସମ୍ପାଦନା ଡ.ବାସନ୍ତୀ ମହାନ୍ତି**
**ବିଦ୍ୟା ପବ୍ଲିଶିଙ୍ଗ, ଟରେଣ୍ଟୋ, କାନାଡା**

ସୁଧାମୟୀ ଶାନ୍ତିଦେବୀ ପୁସ୍ତକର ୭ପୃଷ୍ଠାରୁ ୮୮ ପୃଷ୍ଠା ପର୍ଯ୍ୟନ୍ତ ପଦ୍ମଶ୍ରୀ ଶାନ୍ତି ଦେବୀ ମୃତ୍ୟୁ ପୂର୍ବରୁ ନିଜେ ଲେଖିଥିଲେ । ପରେ ଯାହା ଲେଖା ଯାଇଛି ତାହା ବାସନ୍ତୀ ମହାନ୍ତିଙ୍କ ସମ୍ପାଦନା ଅଂଶ । ଶାନ୍ତି ଦେବୀ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ସେ ବିଶିଷ୍ଟ ସର୍ବୋଦୟ ନେତା ରତନ ଦାସଙ୍କୁ ବିବାହ ପରେ ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ତ୍ୟାଗକରି ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲା ଗୁଣପୁରକୁ କର୍ମଭୂମି ଭାବେ ବାଛି ନେଇଥିଲେ । ଅନାଥ ଆଦିବାସୀ ବାଳିକାଙ୍କ ଶିକ୍ଷା, କୁଷ୍ଠ ରୋଗୀଙ୍କ ସେବା ସହ ଭୂଦାନ ଆନ୍ଦୋଳନରେ ମଧ୍ୟ ଜଡିତ ଥିଲେ । ନିଜକୁ ସେ ପ୍ରଚାର ପ୍ରସାରଠାରୁ ଦୂରରେ ରଖୁଥିଲେ । ସେ କର୍ମ ଓ ସେବା ଉପରେ ବିଶ୍ୱାସ ରଖୁଥିଲେ । ପୁସ୍ତକଟି ପାଠକାଦୃତ ହେବ ବୋଲି ଆଶା କରାଯାଏ ।




### ଅମୁହାଁ ସୁଡଙ୍ଗ

**ଭାନୁମତି ସାହୁ, ସୁଧନ୍ୟା ପ୍ରକାଶନୀ, ସାଇ ରେସିଡେନ୍‌ସି**
**ଟଙ୍କପାଣି ରୋଡ, ଭୁବନେଶ୍ୱର–୧୮**
**ମୂଲ୍ୟ–୧୮୦ଟଙ୍କା**

ଅମୁହାଁ ସୁଡଙ୍ଗ ଭାନୁମତି ସାହୁଙ୍କ ଉପନ୍ୟାସ । ଏଥିରେ ଲେଖିକା ନାରୀମାନେ କିଭଳି ନିର୍ଯାତନାର ଶିକାର ହୋଇ ସାରା ଜୀବନ କଷ୍ଟ ଯନ୍ତ୍ରଣା ଭୋଗ କରୁଛନ୍ତି ସେ ବିଷୟରେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ନାରୀ ଶିକ୍ଷା ଲାଗି ସ୍ଲୋଗାନର ଅଭାବ ନାହିଁ, କିନ୍ତୁ ଅଭାବ ରହିଛି ନିରାପତ୍ତାର । ନାରୀ ଏବେ ଶିକ୍ଷିତା, ଆତ୍ମନିର୍ଭରଶୀଳ ; ତଥାପି ବି ପରିବାର ଭିତରେ ତା'ର ଗୁରୁତ୍ୱ ପୁରୁଷଙ୍କ ତୁଳନାରେ ଖୁବ୍ କମ୍ । ଲେଖିକା ଉପନ୍ୟାସରେ ଏହାର ଚମତ୍କାର ବିଶ୍ଳେଷଣ କରିଛନ୍ତି । ଉପନ୍ୟାସଟି ଭିନ୍ନ ସ୍ୱାଦର ଓ ନାରୀ ମନସ୍ତତ୍ତ୍ୱକୁ ନେଇ ରଚିତ ହୋଇଥିବାରୁ ପାଠକୀୟତା ଲାଭ କରିବ ବୋଲି ଆଶା ରହିଛି ।



ବ୍ୟାକ୍ ପେଜ୍

# ସୁଟ୍ ବୁଟ୍ ପିନ୍ଧି ପାହାଡ ଚଢା

ପାହାଡ ଚଢାଳୀଙ୍କୁ ଉପଯୁକ୍ତ ପୋଷାକ ସହ ଅନେକ ସାବଧାନତା ଅବଲମ୍ବନ କରିବାକୁ ହୁଏ। ଅନେକ ପାହାଡଚଢା ସରଞ୍ଜାମ ବି ଧରିବାକୁ ହୁଏ। କାରଣ ଏସବୁ ବିନା ପାହାଡ ଚଢିବା ବିପଜ୍ଜନକ ହୋଇପାରେ। ତେବେ ଜାପାନର ନୋବୁତାକା ସାଦା ନାମକ ଜଣେ ବ୍ୟକ୍ତିଙ୍କୁ ଯେମିତି ପାହାଡ ଚଢିବା ଖେଳ ପରି ଲାଗେ। ସେ ଏସବୁ ସାବଧାନତା ଅବଲମ୍ବନ ନ କରି ମାଲେୟସିଆର ଉଚ୍ଚତମ ପର୍ବତ ମାଉଣ୍ଟ କନାବାଲୁକୁ ଥ୍ରୀ ପିସ୍ ସୁଟ୍ ଓ ଚମଡା ଜୋତା ପିନ୍ଧି ଚଢିଛନ୍ତି। ୪୯ ବର୍ଷୀୟ ସାଦା ଗତ ମାର୍ଚ୍ଚ ୨୨ ତାରିଖରେ ନିଜ ବ୍ରାଣ୍ଡର କଷ୍ଟମ୍ ମେଡ୍ ସୁଟ୍ ପିନ୍ଧି ପର୍ବତ ଚଢିଥିଲେ ଓ ଶିଖରରେ ବି ପହଞ୍ଚିଥିଲେ। ସମୁଦ୍ରପତନଠାରୁ ୪୦୯୫ ମିଟର ଉଚ୍ଚତାରେ ପହଞ୍ଚି ସେଠାରେ



ସେ ନିଜ ବ୍ରାଣ୍ଡ ସେଇ ସୁଟ୍‌ର ଡିଜାଇନ୍‌କୁ ପ୍ରଦର୍ଶିତ କରିଥିଲେ। ସାଦା ଯେକି ପେସାରେ ଜଣେ ଟେଲର୍ ହାତରେ ଏକ ଅଫିସ୍ ବ୍ୟାଗ୍, ବେକରେ ଅଫିସ୍ ଆଇଡି କାର୍ଡ ଝୁଲାଇ ପ୍ରଫେଶନାଲ ଲୁକ୍‌ରେ ପର୍ବତ ଚଢିଥିଲେ। ସାଦା କୁହନ୍ତି, ପାହାଡ ଚଢିବାବେଳେ ଗରମ ଗୁଳୁ ଗୁଳି ସହ, ବର୍ଷା ବି ହୋଇଥିଲା। କିନ୍ତୁ ସାଦା ବ୍ରାଣ୍ଡର ଏହି କଷ୍ଟମ ମେଡ୍ ସୁଟ୍ ଉପରେ କିଛି ପ୍ରଭାବ ପଡି ନ ଥିଲା। ଏତେ ପ୍ରତିକୁଳ ପରିସ୍ଥିତିରେ ପାହାଡ ଚଢି ଶିଖରରେ ପହଞ୍ଚିବା ପର୍ଯ୍ୟନ୍ତ ମୋର ଅଫିସ୍ ଲୁକ୍ ଖରାପ ହୋଇ ନ ଥିଲା। ଏମିତିକି ସେ ସମୟରେ ବି ମୁଁ ଏକ ବିଜନେସ୍ ମିଟିଂ ଆଟେଣ୍ଡ କରିବାଭଳି ସ୍ଥିତିରେ ଥିଲି।' ସାଦା ଜଣେ ଆଡଭେଞ୍ଚର ପ୍ରିୟ ମଣିଷ। ସେ କେବଳ ପାହାଡ ଚଢା ନୁହେଁ ସ୍କୁବା ଡାଇଭିଂ, ମାରାଥନ୍ ଦୌଡ ଓ ସ୍କିଂ ବି କରନ୍ତି। ଆଉ ଏସବୁ କରିବାବେଳେ ସେ ନିଜ ବ୍ରାଣ୍ଡର ସୁଟ୍ ପିନ୍ଧନ୍ତି।




# ସବୁଠୁ ଛୋଟ ସାଇକେଲ




ସାଇକେଲ ତ ଜୀବନରେ ସମସ୍ତେ ଚଲାଇଥିବେ। ଏହାକୁ ଚଳାଇବା ଶରୀର ପାଇଁ ଯେମିତି ଉପକାରୀ ପରିବେଶ ପାଇଁ ମଧ୍ୟ ଏହା ସେତିକି ଉପକାରୀ। ସେଥିପାଇଁ ତ ସାଇକେଲ ଚଳାଇବାକୁ ଆଜିକାଲି ଅଧିକରୁ ଅଧିକ ପ୍ରୋତ୍ସାହିତ କରାଯାଉଛି। ଏହାକୁ ନଜରରେ ରଖି ସାଇକେଲ ବି ବିଭିନ୍ନ ପ୍ରକାରର ଉପଲବ୍ଧ ହେଉଛି। ତେବେ ଆମେ ଏଠାରେ ଯେଉଁ ସାଇକେଲ କଥା କହୁଛୁ ତାକୁ ଚଳାଇବା କଷ୍ଟକର ହେଇପାରେ କିନ୍ତୁ ତାକୁ ଚଳାଇବାକୁ ସମସ୍ତେ ଚାହିଁବେ। ଏହି ସାଇକେଲ ଏମିତିଆ ଯେ ଏହାକୁ ଯେକୌଣସି ସ୍ଥାନକୁ ବେଶ୍ ଆରାମରେ ଆପଣ ନିଜ ପକେଟ୍‌ରେ ବି ନେଇ ପାରିବେ। ଭାବୁଥିବେ ସାଇକେଲ କେମିତି ପକେଟ୍‌ରେ ରହିବ ? ହେଲେ ଏଇ ସାଇକେଲଟି ରହିପାରିବ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଛୋଟ ସାଇକେଲ। ଯାହାକି ହାତ ପାପୁଲିରେ ଆରାମରେ ରହିଯାଏ। ଭାବୁଥିବେ ଏହାକୁ ଚଳାଇ ହେଉ ନ ଥିବ। କିନ୍ତୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ଏହାକୁ ଜଣେ ମୋଟା ବ୍ୟକ୍ତି ବି ଚଳାଇପାରିବେ। କାରଣ ଛୋଟ ହେଲେ ବି ଏହା ବେଶ୍ ଷ୍ଟ୍ରଙ୍ଗ୍। 'ବିଗ୍ ବୟ' ନାମକ ଏହି କୁନି ସାଇକେଲକୁ ଦି କ୍ୟୁ ନାମକ କମ୍ପାନୀ ତିଆରି କରିଛି। ସାଧାରଣ ସାଇକେଲ ପରି ଏଥିରେ ବି ହ୍ୟାଣ୍ଡେଲ, ପ୍ୟାଡେଲ, ଦୁଇ ଚକକୁ ସଂଯୋଗ କରୁଥିବା ଚେନ୍ ଅଛି। ତେବେ ଏହାକୁ ଚଳାଇବାକୁ ହେଲେ ଜାକିଜୁକି ହୋଇ ବସି ଦୁଇ ଗୋଡକୁ ଏହାର ଦୁଇ ପ୍ୟାଡେଲରେ ସନ୍ତୁଳନ ରକ୍ଷା କରି ରଖି ଚଳାଇବାକୁ ହୁଏ।



# ଆଖିରେ ପଟି ବାନ୍ଧି ଫୁଟବଲ୍ ଖେଳ

ସାରା ପୃଥିବୀରେ ଫୁଟବଲ୍ ଏକ ଲୋକପ୍ରିୟ ଖେଳ। ଏହାର ଫ୍ୟାନ୍ ସବୁଠି ଅଛନ୍ତି। ଏମିତିକି ଏହି ଖେଳପ୍ରତି ଭଲ ପାଇବା ଦିନକୁ ଦିନ ବଢିବାରେ ବି ଲାଗିଛି। ତେଣୁ ଦୃଷ୍ଟିହୀନମାନେ ବି ଏହି ଖେଳ ଖେଳିବାକୁ ଆଗେଇ ଆସିଛନ୍ତି। ଫଳରେ ବ୍ଲାଇଣ୍ଡ ଫୁଟବଲ୍ ମ୍ୟାଚ୍‌ର ଆୟୋଜନ ବି ହେଉଛି। ଏଥିରେ ଦୃଷ୍ଟିବାଧିତ ଅବା ଆଂଶିକ ଦୃଷ୍ଟି ବାଧିତ ଖେଳାଳୀମାନେ ଖେଳିଥାନ୍ତି। ଏଥିରେ ସବୁ ଖେଳାଳୀଙ୍କ ଆଖିରେ କପଡା ବନ୍ଧା ଯାଇ ମ୍ୟାଚ୍ ଖେଳାଯାଏ। ଏହି ମ୍ୟାଚ୍‌ରେ ବ୍ୟବହାର କରାଯାଉଥିବା ବଲ୍‌ଟି ବି ସ୍ୱତନ୍ତ୍ର। ଏହି ବଲ୍ ଭିତରେ ଏମିତି କିଛି ସାମଗ୍ରୀ ଥାଏ ଯାହା ଦ୍ୱାରା ବଲ୍ ଗଡିବା ସମୟରେ ଝଣ ଝଣ ଶବ୍ଦ ହୋଇଥାଏ। ଏହି ଶବ୍ଦକୁ ଶୁଣି ଖେଳାଳୀଙ୍କୁ ବଲ୍‌କୁ ଅନୁସରଣ କରି ଖେଳିବାକୁ ହୁଏ। କେବଳ ଗୋଲ୍ କିପର୍‌ଙ୍କୁ ଛାଡି ଏଥିରେ ସମସ୍ତଙ୍କ ଆଖିରେ ପଟି ବନ୍ଧା ଯାଇଥାଏ। ଏହି ଖେଳର ନିୟମ ଫୁଟବଲ୍‌ର ନିୟମ ସହ ସମାନ ହୋଇଥାଏ। ବ୍ଲାଇଣ୍ଡ ଫୁଟବଲ୍‌ର ୱାର୍ଲଡ ଚାମ୍ପିୟନଶିପ୍ ମଧ୍ୟ ହେଉଛି। ଏହି ଖେଳ ଦେଖିବାକୁ ବେଶ୍ ରୋମାଞ୍ଚକର ହୋଇଥାଏ। ତେଣୁ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି।